୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.130 Bhubaneswar Thursday June 27 2024 ୨୬ତମ ବର୍ଷ ସଂଖ୍ୟା–୧୩୦ ଭୁବନେଶ୍ୱର, ଗୁରୁବାର, ଜୁନ ୨୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବର ଗଛ ମୂଳରେ ଛିଡା ହୋଇଥିଲେ; ବଜ୍ରପାତରେ ଟଳି ପଡିଲେ ୩ ଯୁବକ

ଭୁବନେଶ୍ୱର,୨୬।୬(ପି.ଏନ): ବର୍ଷା ହେବାରୁ ବର ଗଛ ମୂଳରେ ଛିଡା ହୋଇଥିଲେ। ହଠାତ୍ ? ବଜ୍ରପାତ ହେବାରୁ ଗଛ ମୂଳରେ ଟଳି ପଡିଲେ ୩ ଯୁବକ। ଅନ୍ୟ ୨ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଛି। ଆଜି ଅପରାହ୍ଣରେ ଏପରି ଦୁଃଖଦ ଘଟଣା ବରଗଡ ଜିଲ୍ଲାରେ ଘଟିଛି।



## ଶାବଳରେ ପିଟିପିଟି ମହିଳାଙ୍କୁ ମାରିଦେଲେ ପଡୋଶୀ

ଭୁବନେଶ୍ୱର,୨୬।୬(ପି.ଏନ): ଜମିବାଡ଼ି ବିବାଦରୁ ନିର୍ମମ ହତ୍ୟା। ଶାବଳରେ ପିଟିପିଟି ମହିଳାଙ୍କୁ ମାରିଦେଲେ ପଡୋଶୀ କ୍ଷ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ସଂଗ୍ରାମପୁର ଗାଁରେ ଘଟିଛି ବୀଭତ୍ସ ହତ୍ୟା । ମୃତକ ୫୨ ବର୍ଷୀୟା ସୁଶୀଳା ନାୟକ କ୍ଷ ଅଭିଯୋଗ ଅନୁସାରେ, ସୁଶୀଳା ନାୟକଙ୍କ ଜମିରେ ପଡୋଶୀ ସୁନାକର ନାୟକଙ୍କ ପରିବାର ଏକ ପାଇଖାନା ନିର୍ମାଣ କରିଥିଲେ କ୍ଷ ଏହାକୁ ନେଇ ଗତ ଦୁଇବର୍ଷ ଧରି ଉଭୟ ପରିବାର ଭିତରେ ବିବାଦ ଲାଗି ରହିଥିଲା କ୍ଷ ଉଭୟ ପକ୍ଷ ରାଜକନିକା ଥାନାରେ ବିବାଦର ସମାଧାନ ପାଇଁ ପହଞ୍ଚିଥିଲେ କ୍ଷ କିଛି ସାକ୍ଷୀଙ୍କୁ ଆଣିବାକୁ ପୋଲିସ ଦୁଇ ପରିବାରଙ୍କୁ କହିଥିଲା । ସୁଶୀଳା ଏବଂ ତାଙ୍କ ପରିବାର ଲୋକେ ଘରେ ପହଁଞ୍ଚିବା ପରେ ପଡୋଶୀ ରକ୍ତମୁଖା ହୋଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ କ୍ଷ ପଡ଼ ?ଶୀ ସୁନାକର ନାୟକ, ମହେଶ୍ୱର ନାୟକ, ଅନୁସୂୟା ନାୟକଙ୍କ ଆକ୍ରମଣରେ ସୁଶୀଳା ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ସୁଶୀଳାଙ୍କ ପୁତୁରା ମନୋରଞ୍ଜନ ନାୟକ ଓ ପବିତ୍ର ନାୟକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବାଚସ୍ପତି ନିର୍ବାଚନ: ବାଜି ମାରିଲେ ଓମ୍ ବିର୍ଲା

ଭୁବନେଶ୍ୱର,୨୬।୬(ପି.ଏନ): ପୁଣି ଲୋକସଭା ବାଚସ୍ପତି ହେଲେ ଓମ୍ ବିର୍ଲା। ୧୮ଦଶ ଲୋକସଭାର ବାଚସ୍ପତି ନିର୍ବାଚନରେ ବାଜି ମାରିଲେ ଓମ୍ ବିର୍ଲା। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ଧ୍ୱନୀ ମତରେ ଏହି ନିଷ୍ପତ୍ତି ନିଆଯାଇଛି। ବାଚନିକ ଭୋଟରେ ବିରୋଧୀ ମେଣ୍ଟ ପ୍ରାର୍ଥୀ କେ. ସୁରେଶଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ପଦ ସମ୍ଭାଳିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଓମ୍ ବିର୍ଲାଙ୍କୁ



ନିଜ ଆସନ ଯାଏ ନେଇ ଦାୟିତ୍ୱ ଗ୍ରହଣ କରାଇଛନ୍ତି। ଆଜି ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଏନଡିଏର ବାଚସ୍ପତି ପ୍ରାର୍ଥୀ ଭାବେ ଓମ୍ ବିର୍ଲାଙ୍କ ନାଁ ପ୍ରସ୍ତାବ ରଖିଥିଲେ ପ୍ରଧାନମନ୍ତ୍ରୀ ମୋଦି। ଯାହାକୁ ଏନଡିଏରେ ଥିବା ସହଯୋଗୀ ଦଳ ସମର୍ଥନ କରିଥିଲେ। ସେହିଭଳି ଇଣ୍ଡିଆ ମେଣ୍ଟ ପକ୍ଷରୁ କେ.ସୁରେଶଙ୍କ ନାଁ ବାଚସ୍ପତି ପ୍ରାର୍ଥୀ ଭାବେ ପ୍ରସ୍ତାବ ରଖାଯାଇଥିଲା। ଯାହାକୁ ଇଣ୍ଡିଆ ମେଣ୍ଟରେ ଥିବା ଦଳ ଗୁଡିକ ସମର୍ଥନ ଜଣାଇଥିଲେ। ତେଣୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନିମତ ସଂଗ୍ରହ କରିଥିଲେ। ଏହାପରେ ବାଚନିକ ଭୋଟରେ ଓମ୍ ବିର୍ଲା ବିଜୟୀ ହୋଇଥିବା ଘୋଷଣା କରିଥିଲେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ।

## ଜମିବାଡ଼ି ପାଇଁ ରକ୍ତାକ୍ତ ସଂଘର୍ଷ; ଗଲା ଜଣଙ୍କ ଜୀବନ

ଭୁବନେଶ୍ୱର,୨୬।୬(ପି.ଏନ): ଜମିବାଡ଼ି ପାଇଁ ଘଟିଛି ରକ୍ତାକ୍ତ ସଂଘର୍ଷ। ଦୁଇ ପଡୋଶୀ ମଧ୍ୟରେ ପିଟାପିଟ୍ ହୋଇଛି। ଆଉ ଯାଇଛି ଜଣେ ମହିଳାଙ୍କ ଜୀବନ। ୪ ଜଣ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆଜି ଅପରାହ୍ଣରେ ଘଟଣା କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅଞ୍ଚଳରେ ଘଟିଛି।ଜମିବାଡିକୁ ନେଇ ରାଜକନିକା ଥାନା ଅନ୍ତର୍ଗତ ସଂଗ୍ରାମପୁର ଗାଁର ପଞ୍ଚାନନ ନାୟକ ଓ ପଡୋଶୀ ସୁନାକର ନାୟକଙ୍କ ପରିବାର ଭିତରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ବିବାଦ ସମାଧାନ ପାଇଁ ଉଭୟ ପରିବାର ଥାନାକୁ ମଧ୍ୟ ଯାଇଥିଲେ। ହେଲେ ସମାଧାନର କୌଣସି ରାସ୍ତା



ବାହାରୁନଥିଲା। ତେବେ ଆଜି ଅପରାହ୍ଣ ଦୁଇ ପରିବାର ଭିତରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ପରେ ସେହି ପାଟିତୁଣ୍ଡ ଉଗ୍ର ରୂପ ଧାରଣ କରିଥିଲା। ଉଭୟ ପରିବାର ଭିତରେ ମାଡପିଟ୍ ହୋଇଥିଲା।

## ଖପ୍ରାଖୋଲ ରେ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ମିଳିତ ସମୀକ୍ଷା ବୈଠକ

ଖପ୍ରାଖୋଲ ୨୬/୬(ପିଏନ) ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ମିଳିତ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ବଲାଙ୍ଗିର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପାଟଣାଗଡ ଅତିରିକ୍ତ ମଙ୍ଗଳ ଅଧିକାରୀ ବଂଶୀଧର କିଷାନ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନା ର ଅଗ୍ରଗତି, ଯୁଗ୍ମ ତଦନ୍ତ, ଗାଁ ସ୍ତରରେ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେହିପରି ଗୋଷ୍ଠୀ ଗତ ଜଙ୍ଗଲ ଅଧିକାର, ଗୋଷ୍ଠିଗତ ଜଙ୍ଗଲ ସମ୍ପଦ ପରିଚାଳନା ଅଧିକାର କୁ ଗୁରୁତ୍ୱ ଉପରେ ସମୀକ୍ଷା ହୋଇଥିଲା। ବୈଠକରେ ବନପାଳ ସୁଧୀର କୁମାର ଜେନା, ସନ୍ଧ୍ୟା ରାଣୀ ସେଠ, ବିପିନ ବିହାରୀ ଧରୁଆ , ରଞ୍ଜିତ କୁମ୍ଭାର,ଆର ସି ଡି ସି ଜିଲ୍ଲା ସଂଯୋଜକ ଶମ୍ଭୁ ସାହୁ, ଆନନ୍ଦ ଚନ୍ଦ୍ର ସେଠୀ, ମୋ ଜଙ୍ଗଲ ଜମି ଯୋଜନା ଜିଲ୍ଲା ସଂଯୋଜକ ଗୁରୁଦେବ ପ୍ରଧାନ, ବ୍ଲକ୍ ସଂଯୋଜକ ରଘୁ ନାଥ ରଣା, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ, ଗୋଷ୍ଠୀ ସ୍ୱେଚ୍ଛାସେବୀ, ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ପରିଚାଳନା କରିଥିବା ବେଳେ ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ ପିଟ୍ରୋଡାଙ୍କୁ ପୁଣି କଂଗ୍ରେସ ଓଭରସିଜ୍ ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର,୨୬।୬(ପି.ଏନ): ସାମ୍ ପିଟ୍ରୋଡାଙ୍କୁ ପୁଣି କଂଗ୍ରେସ ଓଭରସିଜ୍ ଅଧ୍ୟକ୍ଷ ଦାୟିତ୍ୱ। ପିଟ୍ରୋଡାଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି ଇଓଉଉ ସଭାପତି ମଲ୍ଲିକାର୍ଜୁନ ଖଡଗେ। ଗତ ମେ ମାସରେ ଭାରତୀୟଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ ପିଟ୍ରୋଡା।ସେ କହିଥିଲେ, ଭାରତର ପୂର୍ବରେ ରହୁଥିବା ନାଗରିକ ଚାଇନିଜ୍ ଭଳି ଏବଂ ପଶ୍ଚିମରେ ରହୁଥିବା ନାଗରିକ ଆରବଙ୍କ ଭଳି ଦେଖାଯାନ୍ତି। ସେହିପରି ଉତ୍ତରରେ ରହୁଥିବା ଲୋକ ଶ୍ୱେତ ଓ ଦକ୍ଷିଣରେ ରହୁଥିବା ଲୋକ ଆଫ୍ରିକୀୟଙ୍କ ଭଳି ଦେଖାଯାନ୍ତି ବୋଲି ମନ୍ତବ୍ୟ ଦେଇଥିଲେ ପିଟ୍ରୋଡା।

## ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ବିଜେପିର ଶୀର୍ଷ ନେତାଙ୍କୁ ଭେଟିବେ

ଭୁବନେଶ୍ୱର,୨୬।୬(ପି.ଏନ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତକୁ ଯାଉଛନ୍ତି । ତାଙ୍କ ସହ ଦୁଇ ଜଣ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କେଭି ସିଂହ ଦେଓ ମଧ୍ୟ ଦିଲ୍ଲୀ ଗସ୍ତରେ ସାମିଲ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ବିଜେପିର କିଛି ଶୀର୍ଷ ନେତାଙ୍କ ସହ ଭେଟିବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଥମ ଥର ପାଇଁ ଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ।ଏଥର ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କୁ ଭରସା କରିଛନ୍ତି ରାଜ୍ୟବାସୀ । ଏଭଳି



ସ୍ଥିତିରେ ବିଜେପି ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କିପରି ରହିବ ସେ ନେଇ ଆଲୋଚନା ହେବ ।

## ପୁରୀ ରଥଯାତ୍ରାରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୨୬।୬(ପି.ଏନ): ଆଗକୁ ଆସୁଛି ମହାପ୍ରଭୁଙ୍କ ମହାପର୍ବ । ରଥଯାତ୍ରା ପାଇଁ ସାରା ବିଶ୍ୱ ଉତ୍ସାହର ସହ ଅନେଇ ବସିଛି । ଏବେଠାରୁ କାଳିଆକୁ ପାଖରୁ ଦେଖିବା ପାଇଁ ପୁରୀକୁ ଭକ୍ତମାନଙ୍କ ସୁଅ ଛୁଟିଲାଣି । ତେବେ ଏହାରି ମଧ୍ୟରେ ପୁରୀକୁ ମହାମହିମଙ୍କ ଆଗମନ ଖବର ସାମ୍ନାକୁ ଆସିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ରଥଯାତ୍ରାରେ ଯୋଗ ଦେବେ । ସୂଚନା ଅନୁଯାୟୀ, ଜୁଲାଇ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କର ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ ବୋଲି ସୂଚନା ମିଳିଛି । ତେବେ ରଥଯାତ୍ରାରେ ରାଷ୍ଟ୍ରପତି ଯୋଗ ଦେବା ନେଇ ଅନେକ କଡା ସୁରକ୍ଷା ବ୍ୟବସ୍ଥା କରାଯିବ ।



## ଆଦାନୀ ଫାଉଣ୍ଡେସନ ପକ୍ଷରୁ ୫୪୬ ୟୁନିଟ ରକ୍ତ ସଂଗୃହିତ

ଧାମରା,୨୬।୬(ପି.ଏନ): ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ୬୨ତମ ଜନ୍ମଦିବସ ଉପଲକ୍ଷେ ଦେଶବ୍ୟାପୀ ରକ୍ତଦାନ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି କ୍ରମରେ ଜୁନ ୨୪ ତାରିଖରେ ଦୋସିଙ୍ଗା ପଞ୍ଚାୟତର ନରସିଂହପ୍ରସାଦ ଗ୍ରାମସ୍ଥିତ ଆଦାନୀ ୱେଲନେସ୍ କେନ୍ଦ୍ର ଠାରେ ଭଦ୍ରକ ଜିଲା ବ୍ଲଡ୍ ବ୍ୟାଙ୍କ ସହାୟତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୫୪୬ ୟୁନିଟ ରକ୍ତ ସଂଗୃହିତ କରାଯାଇଥିଲା । ଆଦାନୀ ଧାମରା ପୋର୍ଟ ସିଇଓ ଦେବେନ୍ଦ୍ର ଠକର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି




ଅବସରରେ ସିଇଓ ଶ୍ରୀ ଠକର ସମଗ୍ର ଟିମ୍‌କୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବ୍ଲଡ୍ ବ୍ୟାଙ୍କ, କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର ଦେଶର ୨୧ ଟି ରାଜ୍ୟର ୧୫୨ ଟି ସହରରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଆଦାନୀ ଗ୍ରୁପର ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳର ମାର୍ଗଦର୍ଶନରେ ଗତବର୍ଷ ଏହି ଅଭିଯାନରେ ୨୦,୬୨୧ ୟୁନିଟକୁ ଅତିକ୍ରମ କରି ଚଳିତବର୍ଷ ୨୪,୫୦୦ ୟୁନିଟ ରକ୍ତ ସଂଗୃହିତ କରାଯାଇଛି । ଆଦାନୀ ଫାଉଣ୍ଡେସନର ଅଧ୍ୟକ୍ଷ ଡଃ ପ୍ରୀତି ଆଦାନୀ କୃତଜ୍ଞତା ଜଣାଇ କହିଛନ୍ତି ଯେ, ବର୍ଷ ବର୍ଷ ଧରି ଆଦାନୀ ପରିବାରର ଏହି କର୍ମଚାରୀମାନଙ୍କ ଉତ୍ସର୍ଗୀକୃତତା ସେମାନଙ୍କ କରୁଣାକୁ ଦର୍ଶାଇବା ସହ ସେବା ମନୋବୃତ୍ତିର ଏକ ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିପାଦନ କରୁଛି । ୨୦୧୧ ମସିହାରୁ ଗୌତମ ଆଦାନୀଙ୍କ ଜନ୍ମଦିବସରେ ଏହି ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଅଛି ।

## ଅସରାଏ ବର୍ଷାରେ ବେହାଲ୍ ରାଜଧାନୀ, ରାସ୍ତାରେ ଲହଡି ମାରୁଛି ପାଣି

ଭୁବନେଶ୍ୱର,୨୬।୬(ପି.ଏନ): ଅସରାଏ ବର୍ଷାରେ ବେହାଲ୍ ହୋଇଛି ରାଜଧାନୀ ଭୁବନେଶ୍ୱର। ବର୍ଷା ପାଣି ଡ୍ରେନ୍‌ରେ ପାସ୍ କରିନପାରିବାରୁ ରାସ୍ତାରେ ଲହଡି ମାରୁଛି। ସେପଟେ ୧୬ ନମ୍ବର ଜାତୀୟ ରାଜପଥର ଇସ୍କନ୍ ସମ୍ମୁଖର ଅବସ୍ଥା କଥା ନକହିବା ଭଲ। ଏଠି ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ଗାଡି ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି।ଆଜି ସକାଳେ ପ୍ରବଳ ଗୁଳୁଗୁଳି ହେଉଥିଲା। ଜୀବନ ଯାତ୍ରା ପ୍ରଭାବିତ ହେଉଥିଲା। ଅପରାହ୍ଣରେ ହଠାତ୍ ରାଜଧାନୀ ଭୁବନେଶ୍ୱର ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ପ୍ରଥମେ ଘଡଘଡି ମାରିଥିଲା। ତା'ପରେ ପ୍ରବଳ ବର୍ଷିଥିଲା। ରାଜଧାନୀର ଅଧିକାଂଶ



ସ୍ଥାନରେ ବର୍ଷାର କୋପ ଦେଖିବାକୁ ମିଳିଥିଲା। ପଟିଆ, ଚନ୍ଦ୍ରଶେଖର, କଳାରାହାଙ୍ଗ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଆଇଆର୍‌ସି ଭିଲେଜ, ବମିଖାଲ୍, ଓଲଡ୍ ଟାଉନ୍ ପ୍ରମୁଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ପ୍ରାୟ ୧୦ ମିଲିମିଟର ବର୍ଷା ହୋଇଥିବା ଅନୁମାନ କରାଯାଉଛି।

## ଏଣିକି ହାଇସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି, ଗଣଶିକ୍ଷା ବିଭାଗର ବଡ ନିଷ୍ପତ୍ତି

ଭୁବନେଶ୍ୱର,୨୬।୬(ପି.ଏନ): ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ଏବେବି ଶିକ୍ଷକ ଅଭାବ ଲାଗି ରହିଛି । ଏହି ସମସ୍ୟାକୁ ଦୂରେଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବଡ ନିଷ୍ପତ୍ତି ନିଆଯାଇଛି । ଏଣିକି ସରକାରୀ, ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକ ପଢ଼ାଇବେ ବୋଲି ବିଭାଗ ନିଷ୍ପତ୍ତି ନେଇଛି । ଏଥିପାଇଁ ଖୁବଶୀଘ୍ର ନିଯୁକ୍ତି ନିର୍ଦ୍ଦେଶାବଳୀ ଜାରି କରିବାକୁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ଶିକ୍ଷା ବର୍ଷରେ ୪ ହଜାର ୫୮୦ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବାକୁ ଅନୁମତି ମିଳିଥିବାବେଳେ ସେମାନଙ୍କ କାର୍ଯ୍ୟକାଳ ୨୦୨୫ ମାର୍ଚ୍ଚ ଅର୍ଥାତ୍ ନୂଆ ଶିକ୍ଷକ ନିଯୁକ୍ତି ଯାଏଁ ବଳବତ୍ତର ରହିବ । ଏହି ଅତିଥି ଶିକ୍ଷକ ନିଯୁକ୍ତି କିଭଳି ସୁରୁଖୁରୁରେ ହେବ ତାକୁ ଜିଲ୍ଲା ଶିକ୍ଷାଧିକାରୀ ସୁନିଶ୍ଚିତ କରିବେ ।



## ରଥଯାତ୍ରା ସମନ୍ୱୟ ବୈଠକ: ଅଂଶୁଘାତ ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ପୁରୀ,୨୬।୬(ପି.ଏନ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀ ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି। ହାତରେ ସମୟ କମ୍ ଥିବାରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହାରି ଭିତରେ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଶୃଙ୍ଖଳିତ ନୀତିକାନ୍ତି ଓ ଆଇନଶୃଙ୍ଖଳା କିପରି ବଜାୟ ରହିବ, ସେ ନେଇ ଆଲୋଚନା ହୋଇଛି। ରଥଯାତ୍ରା ବେଳେ ଟ୍ରାଫିକ ସବୁଠାରୁ ବଡ ସମସ୍ୟା ସୃଷ୍ଟି କରିଥାଏ । ଯେହେତୁ ଏଥର ଦୁଇଦିନ ଧରି ରଥଟଣା ହେବ, ତେଣୁ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ପୁଲିସ ଫୋର୍ସ ମୁତୟନ ସହ ଟ୍ରାଫିକ ଓ ୧୮ଟି ସ୍ଥାନରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ଏହାସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସହ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ମଧ୍ୟ କରାଯାଇଛି। ଅପରାଧୀଙ୍କୁ ଚିହ୍ନଟ ପାଇଁ ଏଆଇ ଟେକ୍ନୋଲୋଜିର ସହାୟତା ନିଆଯିବ ।ରଥଯାତ୍ରାରେ ଶୃଙ୍ଖଳିତ ନୀତି, ଆଇନଶୃଙ୍ଖଳା କିପରି କାଏମ ରହିବ, ସେ ନେଇ ଆଲୋଚନା ହୋଇଛି । ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ବଡ କଥା ହେଉଛି ଏଥର ରଥଟଣା ଅପରାହ୍ଣ ୫ଟାରେ ହେବ। ତେଣୁ ରଥଟଣା ନୀତି ବିଳମ୍ବିତ ହେବା ଆଶଙ୍କା ଥିବାରୁ ଉଭୟ ଜୁଲାଇ ୭ ଓ ୮ ତାରିଖରେ ପ୍ରଶାସନିକ ବ୍ୟବସ୍ଥା ବଳବତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବୈଠକରେ ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱତନ୍ତ୍ର ବର୍ଣ୍ଣ ୱାର୍ଡ, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ନେଇ ଆଲୋଚନା ହୋଇଛି। ସେହିପରି ରଥଯାତ୍ରା ପାଇଁ ୧୫୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସହ ବସ୍ ଚଳାଚଳ ନେଇ ମଧ୍ୟ ବ୍ୟବସ୍ଥା କରାଯିବ ।ସେହିପରି ରଥଯାତ୍ରାରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଥିବା ପୁରୀ ଜିଲ୍ଲାପାଳ କହିଛନ୍ତି। ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀଙ୍କ ସହ ସହ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲକନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ ୨୭

# ଅର୍ଥାଭାବରେ ବାପା ଓ ସ୍ୱାସ୍ଥ୍ୟବୀମା


ବାଦଲ ଭୂୟାଁ

ଗତ ସପ୍ତାହରେ ପାଳିତ ହୋଇଯାଇଛି ବିଶ୍ୱ ପିତୃ ଦିବସ। ଯାହାଙ୍କ ଅମୃତ ଓ ଦମ୍ଭର ହାତ ଧରି ଆମ୍ଭେମାନେ ଏ ପୃଥିବୀରେ ପାଦ ଦେଇଛେ ସେ ହେଉଛନ୍ତି ଆମ ବାପା। ବାପାମାନେ ପରିବାରର ମୂଳଦୁଆ ହୋଇଥିବାବେଳେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନେ ଯଥା ସମ୍ଭବ ପ୍ରଚେଷ୍ଟା କରିଥାନ୍ତି। ପିତୃ ଦିବସ କଥାଟିକୁ ନେଇ ଆଲୋଚନା କଲାବେଳେ ଏକ ପରିସଂଖ୍ୟାନର ତଥ୍ୟ ଉପରେ ଟିକେ ନଜର ପକାଇବା। ଭାରତର ଅଧିକାଂଶ ବୟସ୍କ ଲୋକ ସେମାନଙ୍କ ପରବର୍ତ୍ତୀ ବର୍ଷ ପାଇଁ ପ୍ରସ୍ତୁତ ନୁହନ୍ତି। ପ୍ରତି ୩ଜଣ ବୟସ୍କ ମଧ୍ୟରୁ ଜଣଙ୍କର ଆର୍ଥିକ ଅଭାବ ରହିଛି। ପ୍ରାୟ ୬୫% ବୟସ୍କ ସେମାନଙ୍କର ବର୍ତ୍ତମାନର ଆୟ, ସଞ୍ଚୟ ଏବଂ ନିବେଶର ଉପଲବ୍ଧତା ସହିତ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନୁହନ୍ତି। ସେହିଭଳି ସମ୍ମାନଜନକ ଜୀବନଯାପନ ପାଇଁ ଅଧିକାଂଶ ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ ବୋଲି ହେଲ୍ପଏଜ ଇଣ୍ଡିଆ ରିପୋର୍ଟରୁ ଜଣାପଡ଼ିଛି। ନିକଟରେ ପାଳିତ ହୋଇଯାଇଥିବା ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ଅବସରରେ ହେଲ୍ପଏଜ ଇଣ୍ଡିଆ ଭାରତରେ ବୟସ୍କ ଆବଶ୍ୟକ ଯତ୍ନ ଆହ୍ୱାନର ଅନୁସନ୍ଧାନ ଏବଂ ପଦକ୍ଷେପ ଶୀର୍ଷକ ଭାରତୀୟ ରିପୋର୍ଟ ଉନ୍ମୋଚନ କରିଛି।

ଦଶ ରାଜ୍ୟରେ ୨୦ଟି ସହରରେ ୫୧୬୯ଜଣ ବୟସ୍କ ଏବଂ ୧୩୩୩ ଜଣ ପ୍ରାଥମିକ ପରିବାର ସଦସ୍ୟଙ୍କ ଉପରେ ଏହି ସର୍ଭେ କରାଯାଇଥିଲା। ରିପୋର୍ଟ ଅନୁସାରେ ୩୨% ବୟସ୍କ କିମ୍ବା ସେମାନଙ୍କ ଜୀବନସାଥୀଙ୍କର ବାର୍ଷିକ ଆୟ ୫୦ ହଜାର ଟଙ୍କାରୁ କମ ରହିଛି। ଜେରିଆଟ୍ରିକ ସ୍ୱାସ୍ଥ୍ୟସେବା ସୁବିଧା ବିଷୟରେ ମାତ୍ର ୧୫% ସଚେତନ ରହିଛନ୍ତି। କେବଳ ୩୧% ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟ ବୀମା ପାଇବା ବିଷୟରେ ସୂଚନା ଦେଇଛନ୍ତି। ୫୪% ଦୁଇ କିମ୍ବା ଅଧିକ ଅଣସଂକ୍ରାମକ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ବୟସ୍କ ନିର୍ଯାତନା ଅନ୍ୟତମ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ୭% ବୟସ୍କ ଲୋକ ନିର୍ଯାତନାର ଶିକାର ହୋଇଥିବା ସ୍ୱୀକାର କରିଥିବାବେଳେ ୫% ବୟସ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଇଛନ୍ତି। ମୁଖ୍ୟ ଦୋଷୀ ହେଉଛନ୍ତି ସେମାନଙ୍କର ପୁଅ (୪୨%) ଓ ବୋହୂ (୨୮%)। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗତ ଏକ ବର୍ଷ ମଧ୍ୟରେ ନିର୍ଯାତନାର ଶିକାର ହୋଇଥିବା ବୟସ୍କ ମଧ୍ୟରୁ ଅଧିକ ପ୍ରତିଶତ ନିରକ୍ଷଣ ଥିଲେ ଏବଂ ସେମାନଙ୍କ ଆୟ କମିବା ସହିତ ନିର୍ଯାତନା ବୃଦ୍ଧି ପାଇଥିଲା। ସେହିଭଳି ୬୧% ବୟସ୍କ ସେମାନଙ୍କ ନାତୁଣୀନାତିଙ୍କ ଯତ୍ନ ନେବାରେ ନିୟୋଜିତ ଥିବାବେଳେ ଏକ ତୃତୀୟାଂଶରୁ ଅଧିକ ବୟସ୍କ ନିୟମିତ ଘରକାମ, ରୋଷେଇ ଏବଂ ସପିଂରେ ନିୟୋଜିତ ରହିଥିବା ସର୍ଭେରୁ ଜଣାପଡ଼ିଛି। ପିଲାମାନେ ବର୍ତ୍ତମାନ ବାପାଙ୍କ ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନର ନୂଆ ପନ୍ଥା ଆପଣାଉଛନ୍ତି। ବାପାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏଡ଼ାଇବା ପାଇଁ ପିଲାମାନେ ବାପାଙ୍କ ନିମନ୍ତେ ହେଲଥ ଇନସ୍ୟୁରାନ୍ସ କରିଛନ୍ତି। ପଲିସି ବଜାରର ଏକ ରିପୋର୍ଟ ଅନୁଯାୟୀ, ସମସ୍ତ ସ୍ୱାସ୍ଥ୍ୟବୀମା ଯୋଜନାର ୨୫% ବର୍ତ୍ତମାନ ବରିଷ୍ଠ ନାଗରିକଙ୍କ ପାଇଁ କିଣାଯାଉଛି। ଉଲ୍ଲେଖଯୋଗ୍ୟ, ଏହି ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ୩୫% ପିଲାମାନେ ସେମାନଙ୍କ ପିତାଙ୍କ ପାଇଁ କିଣନ୍ତି। ପଲିସି ବଜାର ଡଟ୍ କମର ବ୍ୟବସାୟ ମୁଖ୍ୟ ସିଦ୍ଧାର୍ଥ ସିଙ୍ଗଲ କହିଛନ୍ତି ଏହା ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପାଇଁ ବଢୁଥିବା ସଚେତନତା ଏବଂ ଚିନ୍ତାକୁ ସୂଚାଉଛି।

ଏହା ସେହି ୬୦% ଏନଆରଆଇ ଗ୍ରାହକମାନେ ସେମାନଙ୍କ ପିତାମାତାଙ୍କ ପାଇଁ ଭାରତରୁ ସ୍ୱାସ୍ଥ୍ୟବୀମା ଯୋଜନା କ୍ରୟ କରୁଛନ୍ତି। ଏହାଦ୍ୱାରା ପ୍ରି-ଇକ୍ସିଟିଂ ଡିଜି ହ୍ରାସ ପାଉଥିବାବେଳେ ସିଦ୍ଧାର୍ଥ ବ୍ୟାଖ୍ୟା କରିଛନ୍ତି, ଏହି ଆଡ଼-ଅନ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପୂର୍ବ ସ୍ଥିତିର କଭରେଜ ପାଇଁ ଅପେକ୍ଷା ସମୟକୁ ହ୍ରାସ କରିଥାଏ, ଆବଶ୍ୟକ ଚିକିତ୍ସା ପାଇଁ ଶୀଘ୍ର ସୁବିଧା ଯୋଗାଇଥାଏ। ଡାକ୍ତରୀ ମୁଦ୍ରାସ୍ଫୀତି ସମେତ ମୁଦ୍ରାସ୍ଫୀତି ହେତୁ ସ୍ୱାସ୍ଥ୍ୟ ବଜାୟ ରଖିବା ଖର୍ଚ୍ଚ ବଢ଼ିବା ସହ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ କଭରେଜ ନିଶ୍ଚିତ କରିବା ଏହା ପୂର୍ବପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ବିଶେଷକରି ବରିଷ୍ଠ ନାଗରିକଙ୍କ ପାଇଁ ସମ୍ଭାବ୍ୟ ଆର୍ଥିକ ଚାପ ସୃଷ୍ଟି କରି ଚିକିତ୍ସା ଖର୍ଚ୍ଚ ବଢୁଛି। ପିତାଙ୍କ ଦିବସକୁ ଯତ୍ନ, ପ୍ରେମ ଏବଂ କୃତଜ୍ଞତା ପ୍ରଦର୍ଶନ କରିବାର ସୁଯୋଗ ଭାବରେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଆର୍ଥିକ ଯୋଜନା ଉପରେ ପାଠ୍ୟକ୍ରମ କିମ୍ବା ପୁସ୍ତକ ପରି ଉତ୍ସଗୁଡ଼ିକ ଉପସ୍ଥାପନ କରିବା, ଇଷ୍ଟେଟ ଏବଂ ଆର୍ଥିକ ଯୋଜନା ପାଇଁ ଏକ ଆର୍ଥିକ ଯୋଜନାକାରୀ ସହ ଏକ ପରାମର୍ଶ ସ୍ଥିର କରିବା, ଆର୍ଥିକ ଚାପ ହ୍ରାସ କରିବା ପାଇଁ ଋଣ ପରିଶୋଧରେ ଭୂମିକା, ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଏକ ଜରୁରୀକାଳୀନ ପାଣ୍ଠି ସ୍ଥାପନ କରିବାରେ ସାହଯ୍ୟ କରିବ। ହେଲଥ ଇନସ୍ୟୁରାନ୍ସ କ୍ରୟ କରିବା କେବଳ ଏବଂ ଯତ୍ନ ପ୍ରତିଫଳିତ କରେ ନାହିଁ ବରଂ ଭବିଷ୍ୟତର ସୁରକ୍ଷା ଏବଂ ସମୃଦ୍ଧତା ପାଇଁ ଏକ ମୂଳଦୁଆ ସୃଷ୍ଟି କରେ, ଯାହାଦ୍ୱାରା ଜଣେ ବାପାଙ୍କର ଆର୍ଥିକ ସୁସ୍ଥତା ନିଶ୍ଚିତ ହୁଏ। ତେବେ ଆମ୍ଭେମାନେ ଏ କ୍ଷେତ୍ରରେ ନିଜକୁ ସର୍ବୋପରି ନିଜ ଅନ୍ତରାତ୍ମାକୁ ପଚାରି ବାପାଙ୍କ ଆନନ୍ଦମୟ ସମୟ ପାଇଁ କିଛି କରିବା ପାଇଁ ଦାୟିତ୍ୱକୁ ମୁଣ୍ଡ ଉପରକୁ ନେବାର ସମୟ କ'ଣ ପହଞ୍ଚି ନାହିଁ?

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',*
*ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ପିଲାଙ୍କ ଉପରେ ଅଭିଭାବକଙ୍କ ପ୍ରଭାବ


ଡକ୍ଟର ନାରାୟଣ ବାରିକ୍

ଖରାପ ବୋଲି କୌଣସି ପଦାର୍ଥ ନାହିଁ। ଏହା ଆମ ମନର ଭାବନା। ଆମ ଚାରିପଟରେ ଘଟୁଥିବା ଘଟଣାଗୁଡ଼ିକ ସତ୍ୟ ଓ ବାସ୍ତବ। ଆମେ ତାକୁ ସକରାତ୍ମକ ଓ ନକରାତ୍ମକ ଚିନ୍ତାଧାରାରେ ମୂଲ୍ୟାୟନ କରିଥାଉ। ପିଲା ମନରେ ସକରାତ୍ମକ ଭାବ ଆଣିବାକୁ ଆପଣଯଦି ବାରମ୍ବାର ଚାପ ସୃଷ୍ଟି କରୁଥାନ୍ତି, ତାହା ପିଲା ପାଇଁ ଏକ କର୍ତ୍ତବ୍ୟ ଓ ବୋଝରେ ପରିଣତ ହୋଇଯିବ। ତେଣୁ ପିଲାମାନଙ୍କର ଉତ୍ତମ ବ୍ୟବହାରଗୁଡ଼ିକ ସତର୍କତା ସହ ଲକ୍ଷ୍ୟ କରି, ସେମାନଙ୍କୁ ପ୍ରଶଂସା କଲେ, ସେମାନଙ୍କ ବ୍ୟକ୍ତିତ୍ୱ ଗଠନ ସରଳ ଏବଂ ସୁଗମ ହେବ। ସାଧାରଣତଃ ପିଲାମାନେ ଦଣ୍ଡ ଅପେକ୍ଷା ପ୍ରଶଂସାକୁ ବେଶୀ ଭଲପାଆନ୍ତି। ତେଣୁ ସେମାନଙ୍କୁ ଭଲଗୁଣଗୁଡ଼ିକ ଚିହ୍ନାଇବା ସହ ସେମାନଙ୍କର ଆବେଗକୁ ପ୍ରୋତ୍ସାହନ ଦେବା ଉଚିତ। ଏଥିପାଇଁ ପିତାମାତାମାନଙ୍କର ପ୍ରମୁଖ ଭୂମିକା ରହିଛି। ପିଲାଟି କଥା କହି ଶିଖିବା ଓ ତା'ର ଚତୁଃପାର୍ଶ୍ୱ ମଣିଷ ତଥା ପଦାର୍ଥଗୁଡ଼ିକୁ ଚିହ୍ନିବା ପରଠାରୁ ତା' ଉପରେ ପିତାମାତାଙ୍କର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ। କେତେକ ସକରାତ୍ମକବାଦୀ ପିତାମାତା ପିଲାମାନଙ୍କର ଭଲଗୁଣଗୁଡ଼ିକୁ ପସନ୍ଦ କରିବାବେଳେ ସେମାନଙ୍କଠାରେ ପରିଲିକ୍ଷିତ ତ୍ରୁଟିକୁ ଏଡ଼େଇ ଯାଇଥାନ୍ତି। ଏହା ଭବିଷ୍ୟତରେ ପିଲାର ସାମାଜିକ ଗୁଣଗୁଡ଼ିକର ଯେ ବାଧକ ହେବ, ଏ କଥାକୁ ବିଚାରକୁ ଆଣିନଥାନ୍ତି। ଆଉ କେତେକ ନକରାତ୍ମକ ଚିନ୍ତା ସମ୍ପନ୍ନ ପିତାମାତା ପିଲାର କୌଣସି କାର୍ଯ୍ୟ କଳାପରେ ସନ୍ତୁଷ୍ଟ ନୁହନ୍ତି। ସବୁବେଳେ ଅସନ୍ତୁଷ୍ଟ ଏବଂ ଏକ ତମସାଚ୍ଛନ୍ନ ପରିବେଶ ଭିତରେ ଧୂମଶିଖାପରି କୁହୁଳୁଥାନ୍ତି। ପରୀକ୍ଷାରେ ୯୯ ପ୍ରତିଶତ ନମ୍ବର ଯଦି ତାଙ୍କ ପିଲା ରଖିଥାଏ, ପଡ଼ୋଶୀ ପିଲା ୧୦୦ରୁ ୧୦୦ ରଖୁଥିବାରୁ ତାଙ୍କ ଗାତ୍ର ଦାହ ହୁଏ। ଯଦିବା ଧନଦୁନିଆ ବା ପ୍ରତିପତ୍ତି ବିସ୍ତାରରେ ଅଧିକ ହୋଇଥାନ୍ତି; ପ୍ରତ୍ୟକ୍ଷଭାବେ ତାଙ୍କୁ କିଛି ନ ପଚାରି ତାଙ୍କ ଟିଉସନ୍ ସାରଙ୍କୁ ସେ ପିଲା ଶହେ ନମ୍ବର ରଖିବାର ଆଦବକାଇଦା କ'ଣ ସେ ବିଷୟରେ ପଚାରନ୍ତି।

ଏହି ପରିପ୍ରେକ୍ଷୀରେ ମୋର ଗୋଟିଏ ପିଛିଲା ଦିନର ଅନୁଭୂତି ମନେ ପଡ଼େ। ମୁଁ ଫକୀରପୁର ବି.ଇଡି. ଟ୍ରେନିଂ କଲେଜରେ ଥିବା ସମୟରେ ପ୍ରାଇଭେଟ୍ ବି.ଇଡି. ପିଲାଙ୍କର ସୁପରିଟେଣ୍ଡେଣ୍ଟ୍ ଆପଏଣ୍ଟମେଣ୍ଟ୍ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପାଇଥାଏ। ଓଡ଼ିଶାର ବିଭିନ୍ନ ଜିଲାର ପିଲା ସେହି କେନ୍ଦ୍ରରେ ପରୀକ୍ଷା ଦେଉଥିବାରୁ ସ୍ଥାନାଭାବରୁ ଆନନ୍ଦପୁର ବି.ଏନ୍. ହାଇସ୍କୁଲଟି ଦ୍ୱିତଳ ବିଶିଷ୍ଟ ଓ ପ୍ରଶସ୍ତ ଶ୍ରେଣୀଗୃହ ଆବିଷ୍ଟ ହୋଇଥିବାରୁ, ମୁଁ ତାକୁ ପରୀକ୍ଷା କେନ୍ଦ୍ର ରୂପେ ନିରୂପଣ କରି କେଉଁଝରର ଇନ୍ସପେକ୍ଟରଙ୍କଠାରୁ ଅନୁମୋଦିତ କରାଇ ଆଣିଥିଲି। ଏହି ମର୍ମରେ ବି.ଏନ୍. ହାଇସ୍କୁଲ, ସବ୍‌ଡିଭିଜନର ମୁଖ୍ୟ ସରକାରୀ ଅନୁଷ୍ଠାନ ହୋଇଥିବାରୁ ଏହାର ପ୍ରଧାନଶିକ୍ଷକ ଓ.ଇ.ଏସ୍. ପାହ୍ୟାର ହୋଇଥାନ୍ତି। ତେଣୁ ଏତେ ସଂଖ୍ୟକ ବାହାର ବି.ଇଡି. ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ଶୃଙ୍ଖଳାରେ ଚଳାଇବାକୁ ମୁଁ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ଡେପୁଟି ସୁପରିଟେଣ୍ଡେଣ୍ଟ୍ ଭାବେ ନିଯୁକ୍ତି ଦେଇଥିଲି। ସେଦିନ ପରୀକ୍ଷା ପରେ କଣ୍ଟ୍ରୋଲ୍ ରୁମ୍‌ରେ ଖାତାସବୁ ପ୍ୟାକେଟିଂ ପରେ ଡେସ୍‌ପାଚ୍ ସମ୍ପର୍କୀୟ କାର୍ଯ୍ୟ ସମାପନ କରି ସ୍କୁଲ୍ ପରିଚାଳନା ସମ୍ପର୍କରେ କେତେଗୋଟି ତଥ୍ୟ ଉପରେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରୁଥାଏ।

ଇତ୍ୟବସରରେ କକ୍ଷ ଭିତରକୁ ପ୍ରବେଶ କରି ପ୍ରଧାନଶିକ୍ଷକଙ୍କ ସହ ସାକ୍ଷାତ କରିବାକୁ ସେଦିନ ଜନୈକ ଅଭିଭାବକ ଚାହିଁବାରୁ, ସେ ଅନୁମତି ପ୍ରଦାନ କଲେ। ସାଙ୍ଗରେ ତାଙ୍କର ନବମ ଶ୍ରେଣୀ ପଢୁଥିବା ପୁଅ ଓ ତାଙ୍କ ଟିଉସନ୍ ସାର୍ ଥାଆନ୍ତି। ପ୍ରଧାନଶିକ୍ଷକଙ୍କୁ ନମସ୍କାର ଜଣାଇ, ସେ ଅଭିଯୋଗ କଲେ ଯେ, ତାଙ୍କ ପୁଅ ଶ୍ରେଣୀରେ ଫାଷ୍ଟ ହୁଏ। ଗଣିତ ଓ ଇଂରାଜୀରେ ସବୁବେଳେ ହାଏଷ୍ଟ ମାର୍କ ରଖେ। ଏଥିସହ ସ୍କୁଲ୍‌ରେ ଗଣିତ ଶିକ୍ଷକଙ୍କ ପାଖରେ ଟିଉସନ ନ କରି ତାଙ୍କ ପୁଅକୁ ଅନ୍ୟ ଜଣେ ଟିଉସନ୍ ସାରଙ୍କ ପାଖରେ ଟିଉସନ୍ ଦେଇଥିବାରୁ, ଗଣିତ ସାର୍ ତାଙ୍କ ପୁଅକୁ ଗଣିତରେ ନମ୍ବର କାଟି କମ୍ ନମ୍ବର ଦେଇ ତାଙ୍କ ପାଖରେ ଟିଉସନ୍ ହେଉଥିବା ଗୋଟିଏ ପିଲାକୁ ଅଧିକ ନମ୍ବର ଦେଇ ଗଣିତ ବିଷୟରେ ନବମ ଶ୍ରେଣୀ ପରୀକ୍ଷାରେ ଟପ୍ପର କରିଛନ୍ତି। ଟିଉସନ୍ ସାର୍ ସାଥୀରେ ଥିବାରୁ ସେ ସାକ୍ଷୀ ଦେଲେ ଯେ, ତାଙ୍କ ପିଲା ଗଣିତରେ ଶହେରୁ ଶହେ ଠିକ୍ ଉତ୍ତର ଦେଇଛି। କେଉଁ କାରଣରୁ ସ୍କୁଲର ଗଣିତ ଶିକ୍ଷକ ତାଙ୍କ ପିଲାର ନମ୍ବର କାଟି ଦେଇଛନ୍ତି ସେଥିପାଇଁ ସେ ଗଣିତ ପରୀକ୍ଷା ଖାତା ଦେଖିବାକୁ ଚାହାନ୍ତି। ଯାହାହେଉ ଗାର୍ଡିଆନ୍, ଟିଉସନ୍ ସାର୍ ଓ ପିଲାଠାରୁ ପରୀକ୍ଷା ସମ୍ପର୍କିତ ବିବରଣୀ ଶୁଣି ମୋ ସାମନାରେ ପ୍ରଧାନଶିକ୍ଷକ ମହୋଦୟ ଅଭିଭାବକଙ୍କ ଆପତ୍ତିଜନକ ଦରଖାସ୍ତ ଉପରେ ଦସ୍ତଖତ ମାରି ଗ୍ରହଣ କରି ତାଙ୍କୁ କହିଲେ ଯେ, ତୁମ ଆବେଦନ ଗ୍ରହଣ କଲି। ଯା ଉପରେ ମୁଁ ଗୋଟିଏ କମିଟି ଗଠନ କରି ଏହାର ପୁଙ୍ଖନାପୁଙ୍ଖ ଯାଞ୍ଚ କରି ତୁମକୁ ଏହାର ନିଷ୍ପତ୍ତି ଜଣାଇଦେବି। ବର୍ତ୍ତମାନ ବି.ଇଡି. ପରୀକ୍ଷା ସମ୍ପର୍କରେ ସୁପରିଟେଣ୍ଡେଣ୍ଟ୍ ହଲ୍‌ରେ ଏକ ମିଟିଂରେ ମୁଁ ଯୋଗଦେବାକୁ ଯାଉଥିବାରୁ ସମୟ ଦେଇପାରୁନି, ମୁଁ ଆପଣଙ୍କ ପୁଅକୁ ସଠିକ୍ ନ୍ୟାୟ ଠିକ୍ ସମୟରେ ଦେବି। ଅଭିଭାବକ ତାଙ୍କ ପୁଅ ଓ ଟିଉସନ୍ ସାରଙ୍କ ସହ ବାହାରକୁ ଯିବାପରେ, ପ୍ରଧାନଶିକ୍ଷକ ମୋତେ ବୁଝାଇଦେଲେ, ଏସବୁ ଅଭିଭାବକମାନଙ୍କର ଆମ ସ୍କୁଲ୍ ଗଣିତ ଶିକ୍ଷକଙ୍କ ଉପରେ ଆକ୍ରୋଶମୂଳକ ମନୋଭାବ। କିନ୍ତୁ କୌଣସି ପିରସ୍ଥିତିରେ ଟିଉସନ୍ ସାରଙ୍କୁ ଆମେ ମୂଲ୍ୟାୟନ ହୋଇଥିବା ପରୀକ୍ଷା ଖାତା ଦେଖାଇ ପାରିବୁନାହିଁ। ପିଲା ହୁଏତ ଜଣେ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ତାଙ୍କ ଗାର୍ଡିଆନ ସହ ସ୍କୁଲ୍ ପରିସରରେ ସେ ଖାତାକୁ ଅନୁଧ୍ୟାନ କରିପାରନ୍ତି।

ପରେ ମୁଁ ଖବର ରଖିଥିଲି ଯେ, ସେଦିନ ଆପତ୍ତି କରି ଦରଖାସ୍ତ ଦେଇଥିବା ଅଭିଭାବକଙ୍କ ଯୁକ୍ତି ଭିତ୍ତିହୀନ ଥିଲା। ଅନୁଷ୍ଠିତ କମିଟି ଦୁଇଜଣ ପରୀକ୍ଷାର୍ଥୀଙ୍କ ଖାତା ଯାଞ୍ଚ କରି ଜଣାଇଥିଲେ ଯେ, ମୂଲ୍ୟାୟନ ଠିକ୍ ଭାବେ କରାଯାଇଛି। ତା'ପରେ କାଳେ ଆସି ଆପତ୍ତି ଉଠାଇଥିବା ଅଭିଭାବକ ତାଙ୍କ ପୁଅକୁ ସାଙ୍ଗରେ ଆଣି ପ୍ରଧାନଶିକ୍ଷକଙ୍କ ପାଖରେ ନିଜର ଭୁଲ୍ ପାଇଁ ପୁଅ ସହ ମିଶି ପ୍ରଧାନଶିକ୍ଷକଙ୍କୁ ଭୁଲ୍ ମାଗି କ୍ଷମା ପ୍ରାର୍ଥନା କରିଥିଲେ। ପ୍ରଧାନଶିକ୍ଷକ ଅତ୍ୟନ୍ତ ଅମାୟିକ ଏବଂ ଦୟା ପରବଶ ବ୍ୟକ୍ତି ଥିଲେ। ଉଭୟ ପିଲା ଯେ, ସ୍କୁଲ୍‌ର ଛାତ୍ର, ଉଭୟ ପିଲା ସ୍କୁଲ୍‌ର ଗର୍ବ। ତେଣୁ ସେ ତାଙ୍କ ନିଜ ପିଲାମାନଙ୍କୁ ପୁଅ ଭଳି ଭଲ ପାଆନ୍ତି। ବାପା କ'ଣ କୌଣସି ପୁଅକୁ ଭଲ ଓ ଆଉଜଣଙ୍କୁ ଖରାପ କରିପାରେ। ଉଭୟ ପିଲା ତାଙ୍କ ଆଖିରେ ସମାନ। ଏହା ଅଭିଭାବକଙ୍କର ଜାଣିବା ଅଧିକାର। ସେଥିରେ ତାଙ୍କର କୌଣସି ତ୍ରୁଟି ନାହିଁ।

ଅଭିଭାବକମାନେ ପିଲାଙ୍କୁ ଯଦି ସଠିକ୍ ଦିଗ୍‌ଦର୍ଶନ ନ ଦିଅନ୍ତି, ପିଲାର ଆଗାମୀ ଚଲାପଥ କଣ୍ଟକମୟ ହୋଇଯିବ। ସେଥିପାଇଁ ମନସ୍ତତ୍ତ୍ୱବିତ୍‌ମାନେ ଅଭିଭାବକମାନଙ୍କୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି ଯଥା- (୧) ପ୍ରଭୁତ୍ୱ ଲବ୍ଧ ପିତାମାତ, (୨) ପ୍ରଭୁତ୍ୱ ଅଧିକାରୀ ପିତାମାତା, (୩) ସହଯୋଗୀ ପିତାମାତା ଏବଂ (୪) ଅମନଯୋଗୀ ପିତାମାତା। ପ୍ରଥମତଃ ପ୍ରଭୁତ୍ୱ ଲବ୍ଧ ପିତାମାତାମାନେ ପିଲାର ନିଷ୍ପତ୍ତି ଏବଂ କାର୍ଯ୍ୟରେ ଜଡ଼ିତ ରହି ନିର୍ଦ୍ଦିଷ୍ଟ ନିୟମକୁ ମାନିନେବାକୁ ପସନ୍ଦ କରନ୍ତି। ଦ୍ୱିତୀୟତଃ ପ୍ରଭୁତ୍ୱ ଅଧିକାରୀ ପିତାମାତାମାନେ କଠୋର ନିୟମ ଧର୍ମୀ ଓ ପ୍ରତିକ୍ରିୟାଶୀଳ। ସେମାନେ ପିଲାର କୌଣସି ନିଷ୍ପତ୍ତିରେ ଓ ପସନ୍ଦକୁ ଗୁରୁତ୍ୱ ନ ଦେଇ ନିଜର ଚିନ୍ତାଧାରାକୁ ପିଲା ଉପରେ ଲଦି ଦିଅନ୍ତି। ତେଣୁ ପିଲାର ଖୁସି ଓ ସୁସ୍ଥ ଅଭିବୃଦ୍ଧିର ଏହା ବାଧକ ସାଜିଥାଏ। (୩) ତୃତୀୟତଃ ସହଯୋଗୀ ପିତାମାତାମାନେ ପିଲାମାନଙ୍କ ସହ ବନ୍ଧୁତ୍ୱ ଭାବ ପୋଷଣ କରି, ପିଲାଙ୍କୁ ଚାପମୁକ୍ତ କରି ପିଲାକୁ ସୁସ୍ଥ ଚିନ୍ତା ପ୍ରବଣ ଓ ସୁଖୀ କରାଇଥାଆନ୍ତି। (୪) ଚତୁର୍ଥତଃ ଅମନଯୋଗୀ ପିତାମାତାମାନେ ପିଲାମାନଙ୍କ ପ୍ରତିଦିନ କର୍ତ୍ତବ୍ୟ ସାଧନାରେ ଅବହେଳା ପ୍ରଦର୍ଶନ କରି ପିଲାର ଆଗ୍ରହକୁ ପ୍ରାଧାନ୍ୟ ଦେଉ ନ ଥିବାରୁ ଭବିଷ୍ୟତରେ ଅଭିଜ୍ଞତାହୀନ ହୋଇ ପିଲାଟି ଦିନେ କଠିନ ସମୟର ଶିକାର ହୋଇଥାଏ। ଏଥିରୁ ଆପଣ କେଉଁ ଅଭିଭାବକଙ୍କୁ ପସନ୍ଦ କରନ୍ତି, ବିଚାର କରନ୍ତୁ।

*ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ,*
*ଶିକ୍ଷକ-ଶିକ୍ଷା ବିଭାଗ,*
*ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,*
*ବିଦ୍ୟା ବିହାର, ଭୁବନେଶ୍ୱର-୨୨*
*ମୋବାଇଲ: ୯୩୪୮୯୪୮୫୪୭*

# ଶ୍ରୀକ୍ଷେତ୍ରରେ ଜଗନ୍ନାଥ, ବ୍ରହ୍ମଗିରିରେ ଅଲାରନାଥ


ଡକ୍ଟର ତପନ କୁମାର ପାଳ

ଭକ୍ତ ଓ ଭଗବାନ ପରସ୍ପର ପରିପୂରକ। ଭକ୍ତ ପାଇଁ ଭଗବାନ ଓ ଭଗବାନଙ୍କ ପାଇଁ ଭକ୍ତ। ଭକ୍ତର ଭକ୍ତିରେ ଯୁଗେ ଯୁଗେ ଭଗବାନ ଅବତାର ପରେ ଅବତାର ଗ୍ରହଣ କରନ୍ତି। ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଭକ୍ତର ଡାକରେ ଅଟକିଯାଉଥିବା ସମୟରେ ତାଙ୍କର ଆଉ ଏକ ଅବତାର ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥ ଭକ୍ତଙ୍କ ପାଇଁ ସିଂହାସନ ଛାଡ଼ିଦେଇପାରନ୍ତି। ଦୃଢ଼ ଆତ୍ମବିଶ୍ୱାସ ଆଉ ଅନ୍ତରର ଭକ୍ତି ଏହାର ପ୍ରମାଣ ଦେଇ ମହାପ୍ରଭୁ ଅଲାରନାଥ ପାଲଟିଛନ୍ତି ଖିରିଖିଆ ଅଲାରନାଥ। ଭକ୍ତମାନଙ୍କୁ ଦେଖାଇଦେବା ପାଇଁ ସାରା ଶରୀରରେ ବହନ କରିଛନ୍ତି ଫୋଟକା ଦାଗମାନ। ଏ ସମ୍ପର୍କରେ କିମ୍ବଦନ୍ତୀ ଓ କପିଳ ସଂହିତାର ଛବିଶ ଅଧ୍ୟାୟରେ ବର୍ଣ୍ଣିତ ଅଛି। ଆସ ଅଲାର ଖାଅ ଖିରି। ବାପା ଯାଇଛନ୍ତି ବାହାର ଗାଁ। ମୁଁ ଜାଣି ନାହିଁ ଦିଅଁଙ୍କ ନାଁ। ଏହାଥିଲା ଉପନୟନ ଓ ମନ୍ତ୍ର ଶିକ୍ଷା କରି ନଥିବା ପାଞ୍ଚ ବର୍ଷ ବାଳକର ଅଲାରନାଥଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ନିବେଦନ। ଏହି ନିବେଦନରେ ସ୍ୱୟଂ ଅଲାରନାଥ ସିଂହାସନରୁ ଓହ୍ଲାଇ ଆସି ଥିଲେ।

କପିଳ ସଂହିତାରେ ବର୍ଣ୍ଣିତ ଅଛି ଯେ ବିଦ୍ୟାପତି ନୀଳଶୈଳ ଗହ୍ୱରରେ ଶ୍ରୀନୀଳମାଧବଙ୍କୁ ଶବରରାଜା ବିଶ୍ୱାବସୁଙ୍କ ମାଧ୍ୟମରେ ଦର୍ଶନ କଲେ। ଏକଥା ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ଜଣାଇବା ନିମନ୍ତେ ବିଦ୍ୟାପତି ପ୍ରତ୍ୟାବର୍ତ୍ତନ କରିବା ସମୟରେ ନୀଳମାଧବ ନୀଳକନ୍ଦରରୁ ଅନ୍ତର୍ଦ୍ଧାନ ହୋଇ ଚାରି କୋଶ ପଶ୍ଚିମକୁ ଜଣେ ବିଷ୍ଣୁଭକ୍ତ ଅଲାଲ୍ୟ ବ୍ରାହ୍ମଣ ଗୃହ ଚତୁର୍ଭୁଜ ନାରାୟଣ ଭାବେ ଅବସ୍ଥାପନ କଲେ। ଏକଦା ଅଲାଲ୍ୟ ବିଦେଶ ଯାଇଥିବା ସମୟରେ ତାଙ୍କର ପାଞ୍ଚ ବର୍ଷ ପୁଅ ହାତରେ ଠାକୁରଙ୍କ ପୂଜା ଦାୟିତ୍ୱ ଅର୍ପଣ କରିଥିଲେ। ଗରିବ ବ୍ରାହ୍ମଣ ବାଳକଟି ଚାଉଳ କିମ୍ବା ସିଝା (ଖିରି) ନେଇ ଠାକୁରଙ୍କ ସାମ୍ନାରେ ଥୋଇ ଭକ୍ତି ନିବେଦନ କରିଥିଲା। ଶେଷରେ ନିଜେ ନାରାୟଣ ସିଂହାସନରୁ ଓହ୍ଲାଇ ଆସି ସବୁତକ ଖିରି ଖାଇଦେଇଥିଲେ। ବ୍ରାହ୍ମଣ ଆସି ଏକଥା ଶୁଣି ବିଶ୍ୱାସ କରି ନଥିଲେ। ଶେଷରେ ପରୀକ୍ଷା ପାଇଁ ପୁନର୍ବାର ପୁତ୍ର ହାତରେ ଖିରି ଦେଇ ଦ୍ୱାରର ଜଳା ମଧ୍ୟରେ ଚାହିଁ ରହିଲେ। ଅଲାଲ୍ୟ କବାଟର ଛିଦ୍ରବାଟେ ଦେଖିବାକୁ ପାଇଲେ ସ୍ୱୟଂ ମାଧବ ନିଜ ରୂପ ଧରି ଖିରି ଖାଉଛନ୍ତି। ବ୍ରାହ୍ମଣ ଭାବବିହ୍ୱଳ ହୋଇ ଦ୍ୱାର ଖୋଲି ଦିଅନ୍ତି ମାଧବ ପାଷାଣ ପାଲଟି ଯାଆନ୍ତି। ହେଲେ ଉଦ୍ଦିଷ୍ଟ ଖିରି ଯେଉଁ ଜାଗାରେ ପଡ଼ି ରହିଲା ତାହା ଫେଟକାରେ ପରିଣତ ହୋଇଗଲା। ଏହା ଏବେ ବି ଅଲାରନାଥଙ୍କ ଶରୀରରେ ଦୃଶ୍ୟମାନ ହେଉଛି। ଏକଥା ପ୍ରଘଟ ହେବାପରେ ମାଧବ ଉକ୍ତ ସ୍ଥାନ ତ୍ୟାଗ କରି ଦାରୁବ୍ରହ୍ମ ଭାବେ ଶ୍ରୀକ୍ଷେତ୍ରରେ ପୂଜା ପାଇଲେ। ଏଠାରେ ଅଲାଲ୍ୟଙ୍କ ଦ୍ୱାରା ପୂଜା ପାଉଥିବାରୁ ମାଧବଙ୍କ ନାମ ଅଲାରନାଥ ନାମରେ ନାମିତ ହେଲା। ସେହିଦିନ ଠାରୁ ସେହି ବାଳକର ଭକ୍ତିର ନୈବେଦ୍ୟ ଚାଉଳସିଝା ବା ଖିରି ଅଲାରନାଥଙ୍କ ପ୍ରିୟ ଭୋଗ ହେଉଛି। ଅଣସର ସମୟରେ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରସାଦ ଅପେକ୍ଷା ପ୍ରସାଦ ପାଇବା ପାଇଁ ପସନ୍ଦ କରନ୍ତି। ଏହି ପୀଠକୁ ଆସୁଥିବା ପ୍ରତ୍ୟେକ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ଆନନ୍ଦ ବଜାରରେ ଠାକୁରଙ୍କ ଖିରି ପ୍ରସାଦ ପାଇଁ ଭିଡ଼ ଲଗାଇଥାନ୍ତି। ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ କୋଟି ଜୀବନର ପାପକ୍ଷୟ ହୋଇ ମୁକ୍ତି ମିଳିଥାଏ। ପ୍ରଭୁ ଅଲାରନାଥ ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ ଏହା ହିଁ ପ୍ରାର୍ଥନା।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ*
*କଲୋନୀ, ଦେଉଳ ସାହି,*
*ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*
*/ ୭୯୭୮୭୯୬୬୩୩*

# ଅଷ୍ଟାଦଶ ଲୋକସଭା


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ନବଗଠିତ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ସୋମବାରରୁ ଆରମ୍ଭ ହୋଇଛି। ଅଧିବେଶଡ଼ ତିନିଦିନ ଧରି ଚାଲିବାକୁ ଥିବାବେଳେ ଅଷ୍ଟାଦଶ ଲୋକସଭାକୁ ନବ ନିର୍ବାଚିତ ସଦସ୍ୟମାନେ ସାଂସଦ ଭାବେ ଶପଥ ଗ୍ରହଣ କରିବେ। କାମଚଳା ବାଚସ୍ପତି ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ନବ ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ସାଂସଦ ବା ଲୋକସଭାର ମାନ୍ୟବର ସଦସ୍ୟ ଭାବେ ଜଣକ ପରେ ଜଣଙ୍କୁ ଶପଥ ପାଠ କରାଇବେ। ସମସ୍ତ ସଦସ୍ୟମାନଙ୍କ ଶପଥ ଗ୍ରହଣ ପରେ ଶେଷରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଏହା ହିଁ ହେଉଛି ନବଗଠିତ ଲୋକସଭାର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନର ବିଶେଷତ୍ୱ। ଏହା ନିସନ୍ଦେହ ଯେ, ବିଶ୍ୱର ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ରର ନିର୍ବାଚନ ପରେ ପ୍ରଥମ ଅଧିବେଶନରେ ସଦସ୍ୟମାନଙ୍କ ଶପଥ ଗ୍ରହଣ କେବଳ ସେମାନଙ୍କୁ ଉଲସିତ କରିନାହିଁ, ତୃଣମୂଳ ସ୍ତରରେ ଭୋଟଦାତା ନିର୍ବାଚିତ କରିଥିବା ସେମାନଙ୍କ ପ୍ରତିନିଧି ଏବଂ ନବଗଠିତ ସରକାରଙ୍କ ଠାରୁ ବହୁ କିଛି ଆଶା କରି ଉଲସିତ ଅଛନ୍ତି। ନବ ନିର୍ବାଚିତ ଲୋକପ୍ରତିନିଧି ଯେଉଁମାନେ କି ଭାରତୀୟ ଗଣତାନ୍ତ୍ରର ପବିତ୍ର ମନ୍ଦିର ତଥା ଗୃହରେ ପ୍ରବେଶ କରିଛନ୍ତି। ସେମାନେ ନିଜର ନିରପେକ୍ଷ କର୍ତ୍ତବ୍ୟ ନେଇ ଶପଥ ଗ୍ରହଣ କରିବା ସହ ଉଚ୍ଚମାନର ତ୍ରୁଟିଶୂନ୍ୟ ଆଇନ ପ୍ରଣୟନ ଉପରେ ଅଗ୍ରାଧିକାର ଦେଇ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବା ସହ ଦେଶବାସୀଙ୍କ ଆଶା ଆକାଂକ୍ଷା ପୁରଣ କରିପାରିବା ପାଇଁ ନିଜର ଦକ୍ଷତା ପ୍ରଦର୍ଶନ କରିବେ, ଏହା ହିଁ ଜନସାଧାରଣ ଆଶା କରନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଦାୟୀ ସପ୍ତଦଶ ଲୋକସଭା ଶାସନ-ବିରୋଧି ଦଳ ମଧ୍ୟରେ ମୁହାଁମୁହିଁ ସ୍ଥିତିର ମୁକ ସାକ୍ଷୀ ହୋଇରହିଛି। ଉଭୟ ଶାସକ-ବିରୋଧି ଜନ ମଧ୍ୟରେ ଆସ୍ଥା-ବିଶ୍ୱାସର ଅଭାବ ଏବଂ ଉଗ୍ରଦଳୀୟ ମନୋଭାବ ଯୋଗୁଁ ଗୃହର ବହୁ ଅଧିବେଶନ ହଟ୍ଟଗୋଳ, ହୋ-ହାଲା ମଧ୍ୟ କେବଳ ଶେଷ ହୋଇନାହିଁ। ଦେଶର ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡିଛି। କହିବା ବାହୁଲ୍ୟ ଯେ, ଜନାଦେଶ ପ୍ରତି ବିରୋଧି ଦଳ ସମ୍ମାନ ପ୍ରଦର୍ଶନ କରୁଥିବା ନେଇ ଶାସକ ଦଳ ଅନୁଭବ କରୁଥିବାବେଳେ ଶାସକ ଦଳ ସଂଖ୍ୟା ବଳରେ ବିରୋଧିଙ୍କୁ ହେୟ ଜ୍ଞାନ କରି ବିନା ଆଲୋଚନାରେ ବା ସଂକ୍ଷିପ୍ତ ଆଲୋଚନାରେ ନିଜର ସ୍ୱାର୍ଥକୁ ସୁହାଇବା ପାଇଁ ଆଇନ ପ୍ରଣୟନ କରୁଥିବା ବିରୋଧି ଦଳ ଅନୁଭବ କରୁଥିଲା। ଯାହାର ପରିଣତି ସ୍ୱରୁପ ଅଧିବେଶନଗୁଡିକର ବହୁ ମୂଲ୍ୟବାନ ସମୟ ହୋହାଲା, ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଯାଉଥିଲା। କେବଳ ଏତିକି ନୁହେଁ, ପରିସ୍ଥିତି ଏପରି ହେଉଥିଲା ଯେ, ବହୁ ଅଧିନ ନିର୍ଦ୍ଧାରିତ ଅବଧିର ବହୁ ପୂର୍ବରୁ ଶେଷ କରିବାକୁ ଶାସକ ଦଳ ବାଧ୍ୟ ହୋଇଥିବା ବହୁ ନଜୀର ରହିଛି। ତେବେ ଏଭଳି ଅଚଳାବସ୍ଥା ପ୍ରତି ଉଭୟ ଶାସକ ଓ ବିରୋଧି ଦଳ ଧ୍ୟାନ ଦେବେ ଏବଂ ଗୃହ ଶାନ୍ତି ଶୃଙ୍ଖଳାରେ ଚଳାଇବାକୁ ଉଭୟ ଯତ୍ନବାନ ହେବେ, ଏହା ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ଗତ ଷୋଡଶ ଏବଂ ସପ୍ତଦଶ ଲୋକସଭା ଠାରୁ ଚଳିତ ଅଷ୍ଟାଦଶ ଲୋକସଭା ସମ୍ପୂର୍ଣ୍ଣ ଭିନ୍ନ। ଗତ ଦୁଇଟି ଲୋକସଭାରେ ଶାସକ ଦଳ ଏକାକି ନିରଙ୍କୁଶ ସଂଖ୍ୟା ଗରିଷ୍ଠ ଥିବାବେଳେ ବିରୋଧି ଦଳ ସମ୍ପୂର୍ଣ୍ଣ ଦୁର୍ବଳ ବା ସ୍ଥିତିହୀନ ଅବସ୍ଥାରେ ଥିଲା। ମାତ୍ର ଚଳିତ ଲୋକସଭାରେ ବିଜେପି ନେତୃତ୍ୱାଧୀନ ସରକାର କ୍ରମାଗତ ତୃତୀୟଥର ପାଇଁ କ୍ଷମତାସୀନ ହୋଇଥିବାବେଳେ ଏଥର ଶାସକ ବିଜେପିର ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ନାହିଁ। ଦୀର୍ଘ ଗୋଟିଏ ଦଶନ୍ଧି ପରେ ଦେଶରେ ମେଂଟ ସରକାର ଗଠିତ ହୋଇଛି । ଅଂଶୀଦାର ଦଳମାନଙ୍କୁ ସମ୍ମାନ ଦେଇ ମେଂଟ ସରକାର ଚାଲିବ। ଅନ୍ୟ ପକ୍ଷରେ ଦୀର୍ଘ ୧୦ବର୍ଷ ପରେ ଲୋକସଭାରେ ବିରୋଧି ଦଳ ଏକ ଦୃଢ଼ ସ୍ଥିତିରେ ରହିଛି। ଗତ ଦୁଇଟି ଲୋକସଭାରେ ମାନ୍ୟତାପ୍ରାପ୍ତ ବିରୋଧିଦଳ ନେତାନଥିବାବେଳେ ଏଥର କେବଳ ମାନ୍ୟତା ପ୍ରାପ୍ତ ବିରୋଧି ଦଳ ନେତା ନୁହେଁ, ବିରୋଧି ଦଳ ମଧ୍ୟ ମଜଭୁତ ସ୍ଥିତିରେ ରହିଛି। ଯେଉଁଥିପାଇଁ ଶାସକ ଦଳ ବା ମେଂଟ ମନଇଚ୍ଛା କିଛି ନିଷ୍ପତି ନେବା ବା ଆଇନ ପ୍ରଣୟନ କରିବା ସମ୍ଭାବନା କ୍ଷୀଣ। ଦେଶର ଭୋଟଦାତା ସରକାରଙ୍କୁ ପରିବର୍ତ୍ତନ ନକରି ବଳବତର ରଖିବା ସପକ୍ଷରେ ରାୟ ଦେଇଥିବାବେଳେ ବିରୋଧି ଦଳକୁ ମଧ୍ୟ ସମ୍ମାନଜନକ ଜନାଦେଶ ଦେଇଛନ୍ତି। ଏହା ଦ୍ୱାରା ଉଭୟ ଶାସକ ଓ ବିରୋଧିଦଳ ମଧ୍ୟରେ ମୁହାଁମୁହିଁ ବା ଯୁଦ୍ଧଂଦେହି ସ୍ଥିତି ସହଜରେ ଉତ୍ପନ୍ନ ହୋଇପାରେ। କିନ୍ତୁ ସମସ୍ତ ଆଇନ ପ୍ରଣେତାମାନେ ସତର୍କତାର ସହ ନିଜର କାର୍ଯ୍ୟ କରିବାକୁ ଅଗ୍ରାଧିକାର ଦେବା ଜରୁରୀ। ଗତ ବିଦାୟୀ ଲୋକସଭାରେ ଆଗତ ବହୁ ବିଲ୍ ଏବେ ଷ୍ଟାଣ୍ଡ କମିଟିରେ ପଡିରହିଛି। ଏହି ବିଲଗୁଡିକରେ ଆବଶ୍ୟକୀୟ ସଂଶୋଧନ ସହ ଯେପରି ଆଇନରେ ପରିଣତ ହୁଏ, ସେଥିପ୍ରତି ଉଭୟ ଶାସକ ଓ ବିରୋଧି ଧ୍ୟାନ ଦେବା ଆଶା କରାଯାଏ। ଚଳିତ ସ୍ୱତନ୍ତ୍ର ଅଧିବେଶନର ପରେ ପାର୍ଲିଆମେଂଟର ବହୁ ଆକାଂକ୍ଷିତ ବଜେଟ ଅଧିବେଶନ ଅନୁଷ୍ଠିତ ହେବ, ଯାହାକି ଶାସକ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ବଜେଟ ଅଧିବେଶନ କାଳରେ ନିଟ୍ ପ୍ରଶ୍ନପତ୍ର ଲିକ୍ ତଥା ଅନିୟମିତତା, ଜାତୀୟ ପରୀକ୍ଷା ସଂସ୍ଥା (ଏନିଟିଏ)ର ଅପାରଗତା, ଦରଦାମ ବୃଦ୍ଧି, ବେକାରୀ, ବେରୋଜଗାରୀ ବୃଦ୍ଧି, ଜଳବାୟୁ ପରିବର୍ତନ, ଦାରିଦ୍ରଦୂରିକରଣ, ଆଇନଶୃଙ୍ଖଳା ପରିସ୍ଥିତି ଆଦି ପ୍ରସଙ୍ଗକୁ ନେଇ ବିରୋଧି ଦଳ ମୁଖ୍ୟ ପ୍ରସଙ୍ଗ କରିବା ସମ୍ଭାବନା ରହିଛି। ତେବେ ଗୃହର ସୁସ୍ଥ ପରିଚାଳନା ପାଇଁ ଉଭୟ ଶାସନ ବିରୋଧ ଭାରସାମ୍ୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଦେଶରେ ପୁଣି ମେଂଟ ଶାସନ ଆରମ୍ଭ ହୋଇଥିବାରୁ ଏବଂ ବିରୋଧି ଦଳ ମଜଭୂତ ସ୍ଥିତିରେ ଥିବାରୁ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ତଥା ବିଶ୍ୱର ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ରର ସଂସଦୀୟ ପରିଚାଳନା, କାର୍ଯ୍ୟଧାରା ଉପରେ ସମଗ୍ର ବିଶ୍ୱରେ ଦୃଷ୍ଟି ରହିଛି। ଏଥିପ୍ରତି ଉଭୟ ଶାସକ-ବିରୋଧି ସତର୍କ, ସଜାଗ ରହିବା ଜରୁରୀ।

*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨, ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯, ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ଚିତରଞ୍ଜନ ବାରିକ, ନିରଞ୍ଜନ ପଣ୍ଡା, ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ୍ୟ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମଲ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଲି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଲି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

## ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାରୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି



। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ୍ୟ କଷ୍ଟସାଧ୍ୟ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ୍ୟ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଭାବପ୍ରବଣତା ଓଡ଼ିଶା ସହିତ ରହିଛି। ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି। ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧିଜୀଙ୍କ ପୁରୀ ଆଗମନର ଶତବାର୍ଷିକୀ ଉଦ୍‌ଯାପନ ସମାରୋହ ପାଳନ ହେବ। ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ। ସେହି ସ୍ମୃତି ଦିବସକୁ ୧୦୧ତମ ବର୍ଷ ପୂରଣ ହୋଇଛି। ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ। ଧୋତି ବଦଳରେ ଆଣ୍ଠୁ ଉପରକୁ ଲୁଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ। ତାଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା। ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ। ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଞ୍ଚିଥିଲେ। ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିଦିନ ସନ୍ଧ୍ୟାରେ ଶରଧାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଏହାପରେ ସେ ପୁରୀ ଜିଲ୍ଲାର ଦାରିଦ୍ର୍ୟ ରୂପ ଦେଖିଥିଲେ। ଅଭାବ କେତେ କଷ୍ଟଦାୟକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇପଡ଼ିଥିଲେ। ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସଖୀଚାନ୍ଦଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ। ୨୮ ତାରିଖରେ ଗାନ୍ଧିଜୀଙ୍କ ମୌନବ୍ରତ ଥିଲା। ୨୯ ତାରିଖ ସକାଳୁ ସେ ପୁରୀ ଛାଡ଼ିଥିଲେ। ନିଜ ତିନିଦିନ ଭ୍ରମଣରେ ଗାନ୍ଧିଜୀ ଆର୍ଥିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ପୁରୀକୁ ହୃଦୟଙ୍ଗମ କରିବାକୁ ପ୍ରଚେଷ୍ଟା କରିଥିଲେ। ଏହା ବ୍ୟତୀତ ସେ ୧୯୨୭ରେ ଦୁଇଦିନ ପାଇଁ ଏବଂ ୧୯୩୪ ମସିହାରେ ହରିଜନ ପଦଯାତ୍ରାରେ ପୁରୀ ଆସିଥିଲେ। ପଦଯାତ୍ରା ଅବସରରେ ଚନ୍ଦନପୁର ବଜାରରେ ଶୋଇଥିବାବେଳେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ଥିଲା, ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଲୋକଙ୍କୁ ଜାଣିବା ଓ ମିଶିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରୁଛି। ସେଠାରୁ ସେ ନିଜ ସ୍ତ୍ରୀ କସ୍ତୁରବାଙ୍କ ନିକଟକୁ 'ରାମ ଗୀତା' ନାମକ ଏକ ବହି ପଠାଇଥିଲେ। ଗାନ୍ଧିଜୀଙ୍କ ଜୀବନଶୈଳୀ ସମ୍ପର୍କିତ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶହେ ଭାଗ ବିଶିଷ୍ଟ 'କଲେକ୍‌ଟେଡ ୱାର୍କ୍ସ ଅଫ ମହାତ୍ମା ଗାନ୍ଧୀ'ରେ ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

**ଡଃ. ଅରୁନ୍ଧତୀ ଦେବୀ, ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

## ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ମିଳଟନନଗର ଠାରେ ଦଳିତ ଆଦିବାସୀ, ସଂଖ୍ୟାଲଘୁ ମହାସଂଘ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣୟେତା, ଭାରତ ରତ୍ନ ବାବା ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ମହାସଙ୍ଘର ରାଜ୍ୟ ସଭାପତି ମୌଲାନା ଅସଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦେବରାଜ ବେହେରା, ମାହାସଂଘର ଉପସଭାପତି ସେକ କସିମୁଦ୍ଦିନ ଜିଲ୍ଲା ସଭାପତି ଅବଦୁଲ ନସିମ ପ୍ରମୁଖ ଯୋଗଦେଇ ବାବା ସାହେବ ୧୮୯୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ଦଳିତମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତାଙ୍କ ଉଦ୍ୟମ ପଥପ୍ରଦର୍ଶକ ହୋଇଆସିଛି । ସମ୍ବିଧାନ ପ୍ରଣୟନ କରିବା ସହ ସେ ଭାରତର ପ୍ରଥମ ଆଇନମନ୍ତ୍ରୀ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅତିଥିଙ୍କୁ ଅନୁଷ୍ଠାନର ଯୁବ ସଭାପତି ମହେନ୍ଦ୍ର ସାମଲ ସ୍ୱାଗତ କରିଥିବା ବେଳେ ନେଉଳପୁର ପଂଚାୟତ ସଭାପତି ମହମ୍ମଦ ଜମାଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ମହାସଂଘର ମହିଳା ସଭାନେତ୍ରୀ ନିର୍ମଳା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏପ୍ରିଲ ୧୬, ୧୭ ଓ ୧୮ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର (ପିଏନ୍) : ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଆସନ୍ତା ଏପ୍ରିଲ ୧୬, ୧୭ ଓ ୧୮ ତିନିଦିନ ଧରି କୋରାପୁଟର ଜୟପୁର ସ୍ଥିତ ଏମଏସ୍ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ଠାରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଂଗଠନର ସଭାପତି ରବି ରଥ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅଧିବେଶନରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇ ଆସୁଥିବା ୨୦୦ ସମ୍ବାଦପତ୍ରର ସମ୍ପାଦକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଅଧିବେଶନରେ ଦାବି କରାଯିବ। ଏଠାରେ ଉଲ୍ଲେଖ କରାଯାଇପାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁ କ୍ରମାଗତ ଭାବେ ଭାରତ ବର୍ଷ ତଥା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। କରୋନା ମହାମାରୀ ଯୋଗୁ ପ୍ରୋତ୍ସାହନ ଅଭାବରୁ ଗତ ଦୁଇବର୍ଷରେ ଶହ ଶହ ସମ୍ବାଦପତ୍ର ବନ୍ଦ ହୋଇଗଲାଣି। ସବୁଠୁ ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିବା ବେଳେ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ସାମ୍ବାଦିକମାନଙ୍କୁ ରାଜ୍ୟ ସଚିବାଳୟକୁ ଯିବାକୁ ଅନୁମତି ଦିଆଯାଉନାହିଁ। ଏ ସମ୍ପର୍କରେ ମଧ ରାଜ୍ୟରେ ପ୍ରକାଶ ପାଉଥିବା ବୃହତ୍ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମମାନେ ମଧ୍ୟ ପ୍ରତିବାଦ କରିନାହାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ସରକାରୀ ଅନୁମୋଦନ ପ୍ରଦାନ, କେନ୍ଦ୍ର ସରକାରଙ୍କ ଡିଏଭିପି ଅନୁମୋଦିତ ସମ୍ବାଦପତ୍ରଗୁଡ଼ିକ ପାଇଁ ଜାରି ବିଜ୍ଞାପନ ଦର ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ ସରକାରୀ କ୍ୱାଟର ଭୁବନେଶ୍ୱରରେ ଯୋଗାଇବା, ଦିଲ୍ଲୀରେ ଥିବା ଇଣ୍ଡିଆନ ନ୍ୟୁଜ୍‌ପେପର ସୋସାଇଟି ଭଳି ଓଡ଼ିଶାରେ ଏକ ଭବନ ନିର୍ମାଣ କରି ସମ୍ବାଦପତ୍ରର କାର୍ଯ୍ୟାଳୟ ପାଇଁ କୋଠରୀ ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଓଡ଼ିଶାରେ ସାମ୍ବାଦିକ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯିବ, ଭାରତ ବର୍ଷର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଦୁଇ ହଜାର ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଡିଏଭିପି ଅନୁମୋଦନ ଦେଉଥିବା ବେଳେ ରାଜ୍ୟ ସରକାରମାନେ ଏହି ପ୍ରକ୍ରିୟାକୁ ଲାଗୁ କରନ୍ତୁ ଏବଂ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏ ସମ୍ପର୍କରେ ମହାସଂଘ ସଭାପତି ଶ୍ରୀ ରଥ ପ୍ରକାଶ କରିଛନ୍ତି।

## ଦି'ବ୍ରେନରେ ବିଶ୍ୱ ଅଟିଜିମ ଦିବସ ପାଳିତ

କଟକ (ପିଏନ୍): ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତର୍ଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ଏହି ଦୁଃଖଦ ଘଟଣାକ୍ରମରେ ଡାକ୍ତର ଗୋପାଳ ଚନ୍ଦ୍ର କର, ସମ୍ରାଟ କର, ଅଶ୍ରୁମୋଚନ ସାହୁ ବଡ଼ ନିନ୍ଦା କରିଛନ୍ତି। କାରଣ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ କୁହାଯାଉଥିବାବେଳେ ସେମାନଙ୍କ ପାଇଁ ଏହିପରି ଦୁର୍ବ୍ୟବହାର ଅତ୍ୟନ୍ତ କଷ୍ଟଦାୟକ। କାର୍ଯ୍ୟକ୍ରମରେ ଡାକ୍ତର ଶୁଭଶ୍ର ମିଶ୍ର ଓ ସମ୍ବିଦ କର ସାମିଲ ହୋଇଥିଲେ। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯ୍ୟାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

# ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା

କଟକ (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ମଂଚ ତରଫରୁ ବିଶାଳ ବାଇକ ଶୋଭାଯାତ୍ରା କଟକ ମହାନଗରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ବାଇକରେ ଯୁବକମାନେ ଦିନ ୧୧ ଘଟିକାରୁ ବାହାରି ଶୋଭାଯାତ୍ରାରେ କଟକ ସହର ପରିକ୍ରମା କରିଥିଲେ । ସଭିଙ୍କ ହାତରେ ଥିଲା ଗୈରୀକ ପତାକା ଏବଂ ମୁଖରେ ଥିଲା 'ଜୟ ଶ୍ରୀରାମ ଧ୍ୱନୀ' । ଏହି ବାଇକ ଶୋଭାଯାତ୍ରା ଷ୍ଟାଡିୟମ ପଡିଆ, ଚଣ୍ଡିଛକ, ବକ୍ସିବଜାର, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଯୋବ୍ରା, ନୂଆ ବଜାର, ଓଏମ୍‌ପି ଛକ, ପ୍ରେସ ଛକ ଦେଇ ଖାନ୍ ନଗର ପଂଚମୁଖି ମନ୍ଦିର ନିକଟରେ ପହଁଚିଥିଲା । ଏଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ସମନ୍ୱୟ ପ୍ରମୁଖ ବିନୟ କୁମାର ଭୂୟା ଯୋଗଦାନ କରି ପଣା ସକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଛନ୍ତି, ଶ୍ରୀ ହନୁମାନ ଯେପରି ଭଗବାନ ଶ୍ରୀରାମଙ୍କ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେହିପରି ବର୍ତ୍ତମାନର ଯୁବସମାଜ ରାଷ୍ଟ୍ରକାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି । ସୀତାମାତାଙ୍କୁ ନାରୀ ଜାତିର ଆଦର୍ଶ ମନେକରୁଥିବା ଆଜିର ଯୁବସମାଜ ଆଗରେ ଲଭ ଜୀହାଦ୍, ଅପହରଣ, ବଳାତ୍କାର ତଥା ଧର୍ମାନ୍ତରଣ ଭଳି ସମ୍ବେଦନଶୀଳ ଘଟଣା ଦୈନନ୍ଦିନ ଘଟି ଚାଲିଛି । ଗୋ-ମାତାଙ୍କ ଅବାଧ ହତ୍ୟା ଭାରତୀୟ ମାତୃସମାଜ ପାଇଁ ଘୋର ଅପମାନ । ଏହାର ସମାଧାନ ପାଇଁ ଆଜିର ଯୁବସମାଜ ଅଣ୍ଟାଭିଡ଼ିଛି । ଉକ୍ତ ସଭାରେ ହିନ୍ଦୁ ଜାଗରଣ ମଂଚର ପ୍ରଦେଶ ସଂଗଠନ ସଂପାଦକ ତନ୍ମୟ ଦାଶ ତାଙ୍କ ମାର୍ଗଦର୍ଶନରେ କହିଲେ ପ୍ରଭୁ ଜଗନ୍ନାଥ ଓଡ଼ିଶାର ପରିଚୟ । ଜଗନ୍ନାଥ ସଂସ୍କୃତି ପ୍ରତ୍ୟକ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ତଥା ସ୍ୱାଭିମାନର ପ୍ରତୀକ। ବିଭିନ୍ନ ବିକାଶମୁଳକ କାର୍ଯ୍ୟକ୍ରମ ନାମରେ ଓଡ଼ିଶା ସରକାର ବିଗତ ଦିନରେ ଶ୍ରୀମନ୍ଦିରର ପୁରାତନ ଐତିହ୍ୟକୁ ଧ୍ୱଂସ କରିଚାଲିଛନ୍ତି । ସେଥିପାଇଁ ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନ ପଣାସଂକ୍ରାନ୍ତି ଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ହିନ୍ଦୁଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ରଘୁନାଥ ବାରିକ, ରାଜ୍ୟ ଯୁବବାହିନୀ ପ୍ରମୁଖ ରାକେଶ ଧୂପର, ଜିଲ୍ଲା ସଂଯୋଜକ ଗୁରୁ ପ୍ରସାଦ ସାହୁ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ଦାଶ, ଅମିତ ରାଉତରାୟ, ଶୁଭମ ଆଚାର୍ଯ୍ୟ, ସରୋଜ ମିଶ୍ର, ଅଭୟ ଶାହା, ପିନାକୀ ପାର୍ଥସାରଥୀ, ସନୀ ପଟ୍ଟନାୟକ, ବିଷାଦ ନାୟକ, ରଣଦୀପ ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ସମସ୍ତ ପ୍ରକାରର ଦାୟିତ୍ୱ ନିର୍ବାହ କରିଥିଲେ ।

# ନବନିର୍ବାଚିତ ପରିଷଦର ପ୍ରଥମ ବୈଠକ

କୋଣାର୍କ (ପିଏନ୍): ବୁଧବାର କୋଣାର୍କ ଏନ୍‌ଏସିର ନବନିର୍ବାଚିତ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କାକଟପୁର ବିଧାୟକ ତଥା କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ ଓ ଏନ୍‌ଏସିର ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟଙ୍କ ସମେତ ୧୩ଟି ୱାର୍ଡର ସମସ୍ତ କାଉନସିଲର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ବୈଠକରେ ନବନିର୍ବାଚିତ ଯୁବ କାଉନସିଲରମାନେ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳ କୋଣାର୍କର ମାଳ ମାଳ ସମସ୍ୟା ଉପସ୍ଥାପନ କରିଥିଲେ। ଦୀର୍ଘ ୫ ଦଶନ୍ଧି ଧରି କୋଣାର୍କର ଜମି ବେବନ୍ଦୋବସ୍ତ ସମସ୍ୟା, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂଆ)କୁ ଏରିଆ ହସ୍ପିଟାଲର ମାନ୍ୟତା ସହିତ ଡାକ୍ତର ନିଯୁକ୍ତି, ଚନ୍ଦ୍ରଭାଗାଠାରେ ପ୍ରସ୍ତାବିତ ଦ୍ୱିତୀୟ ସ୍ୱର୍ଗଦ୍ୱାର ନିର୍ମାଣ, ଡ୍ରେନ୍ ସଫେଇ, କୋଣାର୍କ ବଜାର ସମେତ ବିଭିନ୍ନ ୱାର୍ଡରେ ବର୍ଷା ଜଳଠୁଳ ସମସ୍ୟା, ପ୍ରଚଣ୍ଡ ଖରାରେ ପାନୀୟ ଜଳ ସମସ୍ୟା, ହାଟ, ପୁଷ୍କରିଣୀ ଓ ପାର୍କିଂ ସମେତ ଅନ୍ୟାନ୍ୟ ସଇରାତ ନିଲାମରେ ଅନିୟମିତତା, ହୁ ହୁ ହୋଇ ବଢୁଥିବା ରାସ୍ତାକଡ ଜବରଦଖଲ ସମସ୍ୟା ସଂପର୍କରେ ନବ ନିର୍ବାଚିତ ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, କାଉନସିଲର ସମୟ ରଂଜନ ସାହୁ, ନିହାର ରଂଜନ ବେଉରା, ସ୍ୱପ୍ନା ଗୋଛାୟତ, ସୌମ୍ୟ ସୌରଭ ଦାଶ, ଦିଲ୍ଲିପ କୁମାର ଦାସ, ଶୁଭସ୍ମିତା ପାତ୍ର ଓ ବିଶ୍ୱମ୍ବର ବିଶ୍ୱାଳ ପ୍ରମୁଖ ବିଶଦ ଆଲୋଚନା କରିଥିଲେ। ପୁରୀରୁ କୋଣାର୍କ ରେଳଲାଇନ ନିର୍ମାଣ ନିମନ୍ତେ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପଠାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଭିନ୍ନ ସମୟରେ ସୂର୍ଯ୍ୟମନ୍ଦିର ସାମନା ଓ ବଜାର ଅଂଚଳରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ଦିଆଯାଇଥିବା ଯାଗାକୁ ବ୍ୟବସାୟୀମାନେ ନଯାଇ ପୁନଶ୍ଚ ମୁଖ୍ୟ ରାସ୍ତାକଡକୁ ଜବରଦଖଲ କରୁଥିବାରୁ ଏହି ସମସ୍ୟା ସମଗ୍ର କୋଣାର୍କକୁ କବଳିତ କରି ରଖିଛି। ଯଥାଶିଘ୍ର ରାସ୍ତାପାର୍ଶ୍ୱ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ପାନୀୟ ଜଳ ଯୋଗାଣ ସମସ୍ୟା ସଂପର୍କରେ ଆଲୋଚନା ସମୟରେ ବୈଠକରେ ଉପସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର କୋଣାର୍କ ସେକ୍ସନ ଯନ୍ତ୍ରୀ ପରିଷଦକୁ ବେଖାତିର କରି ବେପରୁଆ ଢଂଗରେ ଉତ୍ତର ଦେବାରୁ ସାଂସଦ ମଲ୍ଲିକ ଓ ମନ୍ତ୍ରୀ ବେହେରା ଯନ୍ତ୍ରୀଙ୍କୁ କଡା ଭାଷାରେ ତାଗିଦ କରିଛନ୍ତି। ଏପରି ଦାୟିତ୍ୱହୀନ ଅଧିକାରୀଙ୍କୁ ଏଠାରୁ ତୁରନ୍ତ ବଦଳି କରାଯିବ ବୋଲି ବୈଠକରେ ସାଂସଦ ଧମକ ଦେଇଥିବା ଜଣାଯାଇଛି। ଏନ୍‌ଏସିର ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ବୈଠକରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସଂପର୍କରେ କାଉନସିଲକୁ ଅବଗତ କରିଥିଲେ। ଆଜିର ବୈଠକ ସଂପର୍କରେ ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ କହିଛନ୍ତି ଯେ, କାଉନସିଲରମାନେ ମାଳ ମାଳ ସମସ୍ୟା ଉପସ୍ଥାପିତ କରି ପରିଷଦର ଗୁରୁ ଦାୟିତ୍ୱ ସଂପର୍କରେ ସଚେତନ କରିଛନ୍ତି। ସବୁ ସମସ୍ୟା ଏକକାଳୀନ ହାତକୁ ନେଇ ତତ୍କାଳ ସମାଧାନ କରିବା ସମ୍ଭବ ନୁହେଁ। ଅଗ୍ରାଧିକାର ଭିତ୍ତିରେ ସମସ୍ୟାଗୁଡିକର ସମାଧାନ ନିମନ୍ତେ ବୈଠକ ବିବରଣୀରେ ଉଲ୍ଲେଖ କରାଯିବ। ଆସନ୍ତା ୨୩ ତାରିଖରେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କର ବିବାହ ଉତ୍ସବ ସ୍ଥିର ହୋଇଥିବାରୁ ସେ ଆଜିଠାରୁ ଛୁଟି ନେଇଛନ୍ତି। ଏହି ଦୃଷ୍ଟିରୁ ପରିଷଦର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ସାମୟିକ ସମସ୍ୟା ଉପୁଯିବାର ସମ୍ଭାବନା ରହିଥିବା ଅଧ୍ୟକ୍ଷା ସୂଚନା ଦେଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର ପିଏନ୍)- ପାଚିକା ଚୟନରେ ବାହାନଗା ସିଡିପିଓ ଅନିୟମିତତା କରିଛନ୍ତି ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ଆବେଦନକାରୀ ନିଃସହାୟ ମହିଳା ଜାନକୀ ପାତ୍ର। ସୂଚନା ଥାଉକି, ବାହାନଗା ବ୍ଲକ ସାଉଡ ପଞ୍ଚାୟତର ବାଜଣା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ପାଚିକା ଚୟନ କରାଯାଇଛି । ଏହି ଚୟନ ପ୍ରକ୍ରିୟାରେ ଗ୍ରାମର ବୈକୁଣ୍ଠ ପାତ୍ରଙ୍କ ଝିଅ ତଥା ନିରାଶ୍ରୟୀ ଜାନକୀ ପାତ୍ର ଆବେଦନ କରିଥିଲେ। ତେବେ ଚୟନ ବେଳେ ବାହାନଗା ସିଡିପିଓ ଙ୍କ ସମେତ ଗ୍ରାମର ମହିଳା ମାନେ ଉପସ୍ଥିତ ଥିଲେ। ପାଚିକା ନାମକୁ ନେଇ ହଟଗଳ ହେବାରୁ ବୈଠକ ସ୍ଥଗିତ ରହିଲା ବୋଲି ଲିଖିତ ଦେଇ ସିଡିପିଓ ସେଠାରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ଆଉ ବୈଠକ ନ ବସାଇ ଅନ୍ୟ ଜଣକ ନାମକୁ ସିଡିପିଓ ବେନିୟମ ଭାବେ ଚୟନ କରିଥିବାର ଆବେଦନକାରୀ ମହିଳା ଅଭିଯୋଗ କରିଛନ୍ତି । ଏ ନେଇ ପୂର୍ବରୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇବା ବେଳେ ତା'ପରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସଂସ୍କୃତି ବିଭାଗର ଅନୁ ଶାସନ ସଚିବ ଲକ୍ଷ୍ମୀଧର ବେହେରା, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରବୀର ମହାନ୍ତି ପ୍ରମୁଖ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ମାଲ୍ୟାର୍ପଣ ପରେ ସ୍ଥାନୀୟ କରପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ ଓ ସାମ୍ବାଦିକା କବିତା ସ୍ୱାଇଁଙ୍କୁ ଲକ୍ଷ୍ମଣ ନାୟକ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ପ୍ରତାପ କୁମାର ସ୍ୱାଇଁ, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, କ୍ଷେତ୍ରମୋହନ ନାୟକ, ଅକ୍ଷୟ ଜେଠୀ, ପ୍ରତାପ କୁମାର ନନ୍ଦ, ସମରଂଜନ ମହାନ୍ତି ଓ ରାମଚନ୍ଦ୍ର ସାମଲ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

## ମହୀଧରପଡ଼ା ଝୁଲଣ ଯାତ୍ରା ଉଦଯାପିତ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ମହୀଧରପଡ଼ାଠାରେ ଥିବା ଲକ୍ଷ୍ମୀନାରାୟଣ ଦେବଙ୍କ ଝୁଲଣ ଯାତ୍ରା ସମ୍ପନ୍ନ ହୋଇଛି। ଲକ୍ଷ୍ମୀନାରାୟଣ ଦେବ, ଗୋପୀନାଥ ଦେବ, ଅରଡ଼ିଆପଦାର ରାଧାମାଧବ ଦେବ ଏବଂ ଅରିଲୋର ଯୁଗଳକିଶୋର ଦେବ ସୁସଜ୍ଜିତ ବିମାନରେ ଆସି ମହୀଧରପଡ଼ା ମେଡ଼ିକାଲ ଛକସ୍ଥିତ ତ୍ରିନାଥ ଦେବଙ୍କ ଗାଦିରେ ଏକତ୍ରିତ ହୋଇଥିଲେ। ସେଠାରେ ସମସ୍ତ ୪ଠାକୁର ପଙ୍କ୍ତି ଭୋଗ ଖାଇଲାପରେ ଶୋଭାଯାତ୍ରାରେ ବାହାରି ଖଣ୍ଡାଗର ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ନୃସିଂହ ମହାର୍ନ୍ତିଙ୍କ ଦାଣ୍ଡରେ ଠାକୁରମାନେ ଭୋଗ ଖାଇସାରି ମହୀଧରପଡ଼ା ଗ୍ରାମ ମଧ୍ୟଦେଇ ଲକ୍ଷ୍ମୀନାରାୟଣଙ୍କ ଚକଡ଼ାରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ବିଧି ମୁତାବକ ଲକ୍ଷ୍ମୀନାରାୟଣ ଦେବଙ୍କଦ୍ୱାରା ମେଣ୍ଢାକୁଡ଼ିଆ ପୋଡ଼ି ପର୍ବ ଅନୁଷ୍ଠିତ ହୋଇଥିଲା। ଏହାପରେ ଅନ୍ୟ ତିନି ଠାକୁର ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଗ୍ରାମ ଅବଧାନ ନୂତନ ପଂଜିକା ପାଠ କରି ଆଗାମୀ ବର୍ଷକର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଖଣ୍ଡାଗର, ମହୀଧରପଡ଼ା ଓ ଅରଡ଼ିଆପଦା ଗ୍ରାମର ମୁରବି ତଥା ଯୁବଗୋଷ୍ଠୀ ଯାତ୍ରା ପରିଚାଳନା କରିଥିଲାବେଳେ ସଦର ଥାନା ପୁଲିସ ସହାୟତାରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ହାକୁଆ ମେଳଣ ଶାନ୍ତି ଶୃଙ୍ଖଳାରେ ଶେଷ

ଫୁଲନଖରା (ପିଏନ୍)-କଟକ ସଦର ଅନ୍ତର୍ଗତ ଶଙ୍ଖତ୍ରାସ ଅଞ୍ଚଳର ପ୍ରସିଦ୍ଧ ହାକୁଆ ମେଳଣ ଉଦଯାପିତ ହୋଇଛି। ଏଥିରେ ସିଦ୍ଧଗୋସାଇଁ ଗାଦିର ଶ୍ରୀରାଧାକୃଷ୍ଣ, ଗୌରୀଶ୍ୱର ଗାଦିର ଚନ୍ଦ୍ରଶେଖର ଏବଂ ଦେଉଳିସ୍ଥିତ ବାଲୁଙ୍କେଶ୍ୱର ଗାଦି ଥାନପତିଭାବେ ଅଂଶଗ୍ରହଣ କରିଥିବାବେଳେ ଶଙ୍ଖତ୍ରାସ ପତି ଶାସନର ଦୋଳଗୋବିନ୍ଦ ଦେବ ଯୁଗ୍ମ ଥାନପତିଭାବେ ଅବସ୍ଥାପିତ ହୋଇଥିଲେ। ରାଜଦୋଳର ଅନ୍ତିମ ମେଳଣଭାବେ ପରିଚିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ମୋଟ ୨୨ଗାଦି ଦୋଳ ବିମାନ ଯୋଗଦେଇଥିଲେ। କୋଭିଡ଼୍ କଟକଣା ମଧ୍ୟରେ ପାଳିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିଲା। ମେଳଣ ଶାନ୍ତି କମିଟି ସଭାପତି ତଥା ଆଇନଜୀବୀ ଉମାକାନ୍ତ ନନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନକୁମାର ପତି, ଖଣ୍ଡାଏତା ସରପଞ୍ଚ ଗାୟତ୍ରୀ ପରିଡ଼ା, ଜିଲାପରିଷଦ ସଭ୍ୟା ଆଶାଲତା ବେହେରା, ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜୀବନକୃଷ୍ଣ ସାମ'ରାୟ, ଡାକ୍ତର ଅରବିନ୍ଦ ନନ୍ଦ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର ଓ ଲଳିତକୁମାର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତନ୍ମୟ ନନ୍ଦ, ସୁରପ୍ରସାଦ ନନ୍ଦ, ସଜିତ ବୈଠାଲୁ, ସନ୍ଦୀପ ରାଉତରାୟ, ପ୍ରଶାନ୍ତ ସାହୁ, ପ୍ରଫୁଲ୍ଲ ଛାଟୋଇ ଓ ଅମୂଲ୍ୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶାନ୍ତି କମିଟି କର୍ମକର୍ତ୍ତା, ବିଭିନ୍ନ ଗାଦି ମାର୍ଫତଦାର ଓ ରକେଟ୍ସ କ୍ଲବର ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ।

## ବାମପନ୍ଥୀ, ବିଚ୍ଛିନ୍ନତାବାଦର ମୂଳପୋଛ ପାଇଁ ଆହ୍ୱାନ

ଭୁବନେଶ୍ୱର (ପିଏନ୍) : ବାମପନ୍ଥୀ, ବିଚ୍ଛିନ୍ନତାବାଦର ମୂଳପୋଛ, ସରକାରଙ୍କ ବିରୁଦ୍ଧରେ ବାମପନ୍ଥୀ ବିଚ୍ଛିନ୍ନତାବାଦୀଙ୍କ ମିଥ୍ୟା ପ୍ରଚାରଠାରୁ ନିବୃତ୍ତ ଏବଂ ବାମପନ୍ଥୀ କାର୍ଯ୍ୟକଳାପଠାରୁ ଦୂରରେ ରହି ସରକାରଙ୍କ ନିକଟରେ ଆତ୍ମସମର୍ପଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଦେଶ ଗଠନରେ ସାମିଲ୍ ହେବା ଲାଗି ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ଡ଼ିଆଇଜି ଅନିରୁଦ୍ଧ ସିଂ। ଭୁବନେଶ୍ୱର କିଟ୍ ପରିସର ମଧ୍ୟରେ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଚାଲିଥିବା ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ସିଂ ଯୋଗଦେଇ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ଆସିଥିବା ୨୦୦ ଯୁବକ, ଯୁବତୀ ମାନଙ୍କୁ ହୃଦୟସ୍ପର୍ଶୀ ଉଦ୍‌ବୋଧନ ଦେଇ ମନ ଜିଣି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶିକା ରୀତା ଭଗତ, ଉପନିର୍ଦ୍ଦେଶକ ବିମଳ ପାତ୍ରିକ ଶାହା, କେନ୍ଦୁଝର ଜିଲ୍ଲାର ଯୁବ ଅଧିକାରୀ ବସୁନ୍ଧରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଉପଲକ୍ଷେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରସ୍ତୁତି ବୈଠକ ଇଛାପୁରସ୍ଥିତ ଶ୍ୟାମକାଳି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ କୋଭିଡ ନିୟମ ପାଳନ ପୂର୍ବକ କେନ୍ଦ୍ରାପଡାର ଆରାଧ୍ୟ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସେଦିନ ସକାଳେ ୭୫ଟି ଦୀପଦାନ କରାଯିବା ସହ ଶ୍ୟାମକାଳି ମଣ୍ଡପରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ କାଉନସିଲର ରଞ୍ଜିତ କୁମାର ସାହୁ,ବିଧାୟକଙ୍କ ପ୍ରତିନିଧି ଶିବ ପ୍ରସାଦ ଭଳ,ବିଜେଡି ସଂଖ୍ୟାଲଘୁ ସେଲର ଜିଲ୍ଲା ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ),ଛାତ୍ର ବିଜେଡି ଜିଲ୍ଲା ସଭାପତି ପ୍ରଦିପ କୁମାର ସାହୁ,ପୂର୍ବତନ କାଉନସିଲର କାଳି ପ୍ରସାଦ ମିଶ୍ର,ହିରଣ୍ୟ ପଣ୍ଡା,ପ୍ରକାଶ ପରିଡା,ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, ରେବତୀରମଣ ଦାସ,ପ୍ରସନ୍ନ ରାଉତ, ପ୍ରମୋଦ ପ୍ରଧାନ,ହେମନ୍ତ ବିଶ୍ୱାଳ, ମହେନ୍ଦ୍ର କୁମାର ମିଶ୍ର,ଶକ୍ତିକାନ୍ତ ପାତ୍ର, ମହମ୍ମଦ ଅମୀର,ରଞ୍ଜନ ସାହୁ,ଭବାନୀ ପ୍ରସାଦ କର, ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ବେହେରା ଅସୁସ୍ଥ ଥିବାରୁ ତାଙ୍କ ପରାମର୍ଶ ଅନୁଯାଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ ଅବସରରେ ଉପରୋକ୍ତ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ଥ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।



ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday June 27, 2024 ଭୁବନେଶ୍ୱର ଗୁରୁବାର, ଜୁନ ୨୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୦ ଟାଙ୍କିଆ କଏନ ଗଜପତିରେ ଅଚ଼ଳ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା )(ପି.ଏନ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ, ଗୁମ୍ମା, କାଶୀନଗର ଆଦି ଅଞ୍ଚଳରେ ଚ଼ାଲୁ ନାହିଁ ଦଶଟଙ୍କିଆ କଏନ୍ । ଏଭଳି ସ୍ଥିତି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି। କିଛିବର୍ଷ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଦଶଟଙ୍କିଆ ଓ କୋଡ଼ିଏ ଟଙ୍କିଆ କଏନ୍ ବଜାରକୁ ଛଡ଼ାଯାଇଛି। ସବୁଠି ଏହା ଚ଼ାଲୁଥିବା ବେଳେ ପାରଳାଖେମୁଣ୍ଡି ସହରରେ କାହିଁକି ଚ଼ଳୁନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ଲୋକେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା କହିଛନ୍ତି ଯେ, ବ୍ୟବସାୟୀଙ୍କ ଯୋଗୁଁ ହିଁ ୧୦ ଟାଙ୍କିଆ କଏନ ଗଜପତିରେ ଚ଼ଳୁନାହିଁ. ହେଲେ ଯେତେବେଳେ ବ୍ୟାଙ୍କକୁ ନେଇକି ଯାଉଛୁ, ସେତେବେଳେ ବ୍ୟାଙ୍କର କର୍ମଚ଼ାରୀମାନେ ଭିଡ଼ ମଧ୍ୟରେ କଏନ ଗଣିବା ଓ ଆକାଉଣ୍ଟରେ ଜମା ରଖିବାକୁ ସମୟ ପାଉନଥିବାରୁ ମନା କରୁଛନ୍ତି। ଫଳରେ, ଦୋକାନୀମାନେ ବି ଗ୍ରାହକଙ୍କ ଠାରୁ ବିନିମୟରେ କଏନ ନେବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏପଟେ, ପ୍ରତ୍ୟେକ ବ୍ୟବସାୟୀ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ କଏନ୍ ମହଜୁଦ୍ ରଖିଛନ୍ତି, ତାକୁ ସାରିବାକୁ କଷ୍ଟ ହେଉଛି। ବ୍ୟାଙ୍କ ଗ୍ରହଣ କଲେ ଆମେ ମଧ୍ୟ କଏନ୍ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏଣୁ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କଏନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଅନ୍ତୁ। ଫଳରେ, ସାଧାରଣ ଲୋକ ମଧ୍ୟ ବଜାରରେ ଏହାକୁ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରିପାରିବେ ଏବଂ କାହାରି କିଛି ଅସୁବିଧା ହେବ ନାହିଁ । ତେଣୁ, ପ୍ରଥମେ ବ୍ୟାଙ୍କ ଗ୍ରହଣ କରୁ, ତାପରେ ଦୋକାନୀ ଗ୍ରହଣ କରିବେ ବୋଲି ମତପ୍ରକାଶ ପାଇଛି।

## ଯୁକ୍ତ ୩ ନାମଲେଖା ଆରମ୍ଭ, ପ୍ରଥମ ଦିନରେ ନାମ ଲେଖାଇଲେ ୪୧ ଛାତ୍ରଛାତ୍ରୀ




ଧର୍ମଶାଳା, (ପିଏନ୍): ଉଚ୍ଚ ଶିକ୍ଷା ବିଭାଗ ଦ୍ୱାର ପରିଚାଳିତ ଯୁକ୍ତ ୩ ଡିଗ୍ରୀ କଲେଜ ଗୁଡିକରେ ଆଜି ଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତକାଲି ଠାରୁ କଟଅଫ୍ ମାର୍କ ପ୍ରକାଶ ପାଇଥିଲା । ଧର୍ମଶାଳା ବ୍ଲକର ୫ଟି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ ୨୪୭ଜଣ ଛାତ୍ରଛାତ୍ରୀଙ୍କୁ ଅନଲାଇନରେ ସୂଚନା ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଆଜି ୪୧ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଧର୍ମଶାଳା ଡିଗ୍ରୀ କଲେଜରେ କଳାରେ ୪୧ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୪ଜଣ ନାମ ଲେଖାଇଛନ୍ତି । ଏହି କଲେଜରେ ବିଜ୍ଞାନରେ ୨୫ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ଜଣେ ଓ ବାଣ୍ୟିଜ୍ୟରେ ୧୫ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୭ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କଳାରେ ୩୫ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଓ ବିଜ୍ଞାନରେ ୨୫ ଜଣଙ୍କ ମଧ୍ୟରୁ ୩ ଜଣ ଛତ୍ରଛାତ୍ରୀ ନାମ ଲେଖାଇର୍ଛି । ଜଗନ୍ନାଥ ଜୀୟୁ ଡିଗ୍ରୀ କଲେଜରେ କଳାରେ ୫୨ ଜଣଙ୍କୁ ନାମଲେଖା ପାଇଁ ସୂଚନା ରହିଥିବା ବେଳେ ଏଠାରେ ଆଜି କୌଣସି ଛାତ୍ରଛାତ୍ରୀ ନାମ ଲେଖାଇ ନାହିଁ । ସେହିପରି ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ ୨୧ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୮ ଜଣ ଛାତ୍ରୀ ନାମ ଲେଖାଇଛନ୍ତି । ଯେନାପୁର ଡିଗ୍ରୀ କଲେଜରେ କଳାରେ ୩୩ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୪ ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ବ୍ଲକର ଉପରୋକ୍ତ ୫ ଟି ଡିଗ୍ରୀ କଲେଜରେ କଳାରେ ୧୮୨ଜଣ ଛାତ୍ର ଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କୁ ମଧ୍ୟରୁ ୩୦ ଜଣ, ବିଜ୍ଞାନରେ ୫୦ ମଧ୍ୟରୁ ୪ଜଣ ଓ ବାଣିଜ୍ୟରେ ୧୫ ଜଣଙ୍କ ମଧ୍ୟରୁ ୭ ଜଣ ମୋଟ ୪୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

## ଜିଲ୍ଲା ଆଇନ୍ ସେବା ପ୍ରାଧୁକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧୁକରଣ, ଭଦ୍ରକଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଆମ୍ବୋଳି ପଞ୍ଚାୟତରେ ମକରେଶ୍ୱର ନୋଡ଼ାଲ ସ୍କୁଲ ପରିସରରେ ଜିଲ୍ଲା ଆଇନସେବା ପ୍ରାଧୁକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟର ବିଗ୍ ?ରପତି ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ବାର୍ତ୍ତା ଦେଇଥିଲେ । ନେହା ଅଗ୍ରୱାଲ, ଜିଲ୍ଲା ଆଇନ ସେବା ପ୍ରାଧୁକରଣର ।ସଚ଼ିବ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିସ୍ଥଳନା କରିବା ସଂଗେ ସଂଗେ ସମସ୍ତେ ବୃକ୍ଷଟିଏ ଲଗାଇ ତା'ର ଯତ୍ନ ନେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅଧିକାରୀ, ପୋଲିସ୍ ବିଭାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ପ୍ୟାନେଲ ଓକିଲ୍ ଗଣ, ଏଲ.ଏ.ଡ଼ି.ଏସ୍ ବିଭାଗର ଓକିଲ ବୃନ୍ଦ ତଥା ଜିଲ୍ଲା ଆଇନ ସେବା ପ୍ରାଧ ?କରଣର ସମସ୍ତ କର୍ମସ୍ଥରାଗଣ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ୪୬ତମ ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସଜିଦ ପରିସରରେ ଅଲ୍-ଓଡ଼ିଶା ଅହମଦୀୟା ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦୀୟାର ୪୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ଅଖିଳ ଭାରତ ଅହମଦୀୟା ଯୁବ ସଂଗଠନର ସଭାପତି ମୌଲାନା ଶମିମ ଅହମଦ ଘୋରୀ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ଅତାଉଲ ଶାଫି କରିଥିବା ବେଳେ ଯୁବ ସଂଗଠନର ଶପଥ ପାଠ ସଭାପତି କରାଇଥିଲେ । ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଶହୀଦମାନଙ୍କ ସ୍ମୃତିରେ ଇସହାକ ଅଲ୍ଲି ଉର୍ଦ୍ଧୁ ନଜମ ପଢି ଶୁଣାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ଏବଂ ଜିଲ୍ଲା କଟକର ସଭାପତି ଅବ୍ଦୁଲ ମାଲିକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୌଲାନା ପ୍ରଭାରୀ ମିର ଅବ୍ଦୁଲ ହଫିଜ, ଇଷ୍ଟ ଇଣ୍ଡିଆ ଅହମଦୀୟା ଯୁବ ସଂଗଠନର ଉପସଭାପତି ସୟଦ ଅକିଲ ଅହମଦ, ବାଲେଶ୍ୱର ଜିଲ୍ଲା ଯୁବ ସଂଗଠନର ସଭାପତି ସିଦ୍ଦିକ ଖାଁ, ଭଦ୍ରକ ଜିଲ୍ଲା ଯୁବ ସଂଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧ ଓ ନୟାଗଡ଼ ଜିଲ୍ଲା ଯୁବ ସଂଗଠନର ସଭାପତି ତବରେଜ ଅହମଦ ତଥା ପୂର୍ବତନ ଯୁବ ସଂଗଠନର ସଭାପତି ଅଜିଜୁଲ୍ଲା ଖାଁ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତିତ୍ୱ ଭାଷଣରେ ମୌଲାନା ଶମିମ ଅହମଦ ଘୋରୀ କହିଲେ, ଯୁବ ଶକ୍ତି ଦେଶ ଓ ସମାଜର ସର୍ବବୃହତ ଶକ୍ତି । ଯୁବ ସୁଧାରରେ ହିଁ ସମାଜ ସୁଧାର ସମ୍ଭବ । ଶିକ୍ଷା ଓ ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ସିଖିବା ନିହାତି ଆବଶ୍ୟକ । ଧୈର୍ଯ୍ୟ,ସହନଶୀଳତା,ସରଳତା, ସକାରତ୍ମକତା,ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ । ଏହି ବାର୍ଷିକ ଇଜତେମାରେ ଯୁବକମାନଙ୍କର ଖେଳ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ଫୁଟବଲ, ଭଲିବଲ, ବାଟୁଲି ଚାଳନା ଏବଂ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ପବିତ୍ର କୋରାନ ପାଠ ଓ ମୁଖସ୍ତ, ବକ୍ତୃତା, ଉର୍ଦ୍ଧୁ ଓ ଓଡ଼ିଆ ନଜମ, କୁଇଜ ଇତ୍ୟାଦି ଦୁଇ ଦିନ ଧରି ଚାଲୁ ରହିବ ବୋଲି ଇଜତେମା କମିଟିର ମୁଖ୍ୟ ସଚିବ ତବରେଜ ଅହମଦ ସୂଚନା ଦେଇଛନ୍ତି।

## ଗଜପତିରେ ଚ଼ାଷ କାର୍ଯ୍ୟ ପାଇଁ ଚ଼ାଷୀ ପ୍ରସ୍ତୁତ, ହେଲେ ଜଳସେଚ଼ନ ପାଇଁ କେନାଲ ସଫେଇରେ ଅନିଶ୍ଚିତତା ଚ଼ାଷ କାମ ହେବ କିପରି ?



ପାରଳାଖେମୁଣ୍ଡି, ୮/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଚ଼ାଷୀମାନେ ଚ଼ାଷ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି. ହେଲେ ଚ଼ାଷ ବେଉଷଣ ପାଇଁ ରହିଥିବା କେନାଲ ଗୁଡିକ ବର୍ତ୍ତମାନ ସୁଦ୍ଧା ସଫେଇ ହେଉନଥିବାରୁ ଚ଼ାଷ କାମ କେମିତି ଆରମ୍ଭ କରିବୁ ବୋଲି ଚ଼ାଷୀମାନେ ପ୍ରଶ୍ନ କରିଛନ୍ତି. ଚ଼ଳିତବର୍ଷ ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁସାରେ ଶୀଘ୍ର ମୌସୁମୀ ଆସିବାର ସମ୍ଭାବନା ରହିଛି । କୃଷକମାନେ ମଧ୍ୟ ଚ଼ାଷବାସ ପାଇଁ ଜମି ପ୍ରସ୍ତୁତ କରି ରଖିଲେଣି କିନ୍ତୁ, ଏଯାବତ୍ ଜଳସେଚ଼ନ ପାଇଁ ରହିଥିବା କେନାଲଗୁଡ଼ିକର ସଫେଇ ହୋଇ ନଥିବାରୁ ତାଙ୍କ ପାଖରେ ଜଳ କିଭଳି ପହଞ୍ଚିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି ।ଦକ୍ଷିଣ ଓଡ଼ିଶାର ଭାତହାଣ୍ଡି ଗଜପତି ଜିଲ୍ଲାର ଗୋଷାଣୀ, କାଶୀନଗର ବ୍ଲକ୍ ଏବଂ ପାରଳାଖେମୁଣ୍ଡି ଉପଖଣ୍ଡରେ ୩୫ ହଜାର ହେକ୍ଟର ଚ଼ାଷ ଜମି ଥିବା ବେଳେ ସେଥିରୁ ୨୯ ହଜାର ହେକ୍ଟର ଜମିରେ ଧାନ ଚ଼ାଷ ହେଉଛି ବୋଲି ଚ଼ାଷୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତି ଯେ, ଏହି ଜମିଗୁଡ଼ିକ ମୌସୁମୀ ଆଗମନଜନିତ ବର୍ଷା ତଥା ବିଭିନ୍ନ କେନାଲର ପାଣି ଉପରେ ନିର୍ଭରଶୀଳ। ଏଣୁ, ପାରଳାଖେମୁଣ୍ଡି ହେଉ କି ଗଜପତି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ, ଜଳସେଚ଼ନ ପାଇଁ ସୁବିଧା ପ୍ରଦାନ କରୁଥିବା ସାଗରଗୁଡ଼ିକ ଅବା ନଦୀବନ୍ଧ ଯୋଜନାରେ ନିର୍ମିତ ବଡ଼ବଡ଼ ପୋଖରୀ ସହ ସଂଯୁକ୍ତ ଥିବା କେନାଲଗୁଡ଼ିକ ହେଉ, ସେଗୁଡ଼ିକ ମେ ଓ ଜୁନ ମାସ ସୁଦ୍ଧା ସଫା ହେବା କଥା । ବର୍ଷା ପରେ ଶୀତ ଓ ଗ୍ରୀଷ୍ମରେ ବଢ଼ି ଉଠିଥିବା ଛୋଟବଡ଼ ଗଛ କାଟି ଜଳ ବହିଯିବା ପାଇଁ ପୂର୍ବପ୍ରସ୍ତୁତି କରିବା କଥା। କିନ୍ତୁ, ଚ଼ଳିତବର୍ଷ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ଅନୁଦାନରେ ୩ଟି ସାଗର ଖୋଳା କାର୍ଯ୍ୟ ଚ଼ାଲୁ ରହିଛି ଅଥଚ଼ କେନାଲଗୁଡିକ ଆଜି ପର୍ଯ୍ୟନ୍ତ ସଫା ହୋଇ ପାରିଲା ନାହିଁ। ଯଦି ଆଗାମୀ ଦିନରେ ନିର୍ଦ୍ଧାରିତ ସମୟ ଅନୁସାରେ ମୌସୁମୀ ବର୍ଷା ହୁଏ, ତା'ହେଲେ ସାଗରରେ ପାଣି ରହିବା କିନ୍ତୁ, କେନାଲଗୁଡ଼ିକ ସଫା ନଥିବାରୁ ଚ଼ାଷୀଙ୍କ ଜମିରେ ପାଣି ପହଞ୍ଚିବା କଷ୍ଟସାଧ ହୋଇପଡ଼ିବ ବୋଲି କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚ଼ାରିବାରୁ ଚ଼ଳିତବର୍ଷ ଅନୁଦାନ ଆସିନଥିବାରୁ ମରାମତି ହୋଇନାହିଁ। ନୂତନ ସରକାର ଗଠନ ପରେ କେନାଲ ସଫେଇ ସହ ମରାମତି କାମ ଆରମ୍ଭ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray